## ସଂକ୍ଷେପରେ

### ଖେଳ ପଡ଼ିଆକୁ ଜବରଦଖଲ, ଯୁବକଙ୍କୁ ହତ୍ୟା ଧମକ

ବଡ଼ଗାଁ, ୧୦।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମର ଖେଳପଡିଆକୁ ସେହି ଗ୍ରାମର ମନୋଜ ପୃଷେଟ ଜବରଦଖଲ କରି ଜେସିବି ମେଶିନ ଦ୍ୱାରା ଖୋଳି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଖେଳ ପଡିଆକୁ ଜମି ତିଆରି ପାଇଁ ମାଟି ଖୋଳି ଦେବାରୁ ଯୁବକ ସଂଘର ସଭ୍ୟମାନେ ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ମନୋଜ ଯୁବକମାନଙ୍କୁ ଗାଳି ଦେବାସହ ବାହାରୁ ପିଲା ମଗାଇ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଯୁବକମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ବଡ଼ଗାଁରେ ଇଦ୍-ଉଜ-ଜୁହା ପାଳିତ

ବଡ଼ଗାଁ, ୧୦।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ରବିବାର ଇସଲାମ ଧର୍ମାବଲମ୍ବୀଙ୍କ ଦ୍ୱାରା ଇଦ୍-ଉଜ-ଜୁହା ପାଳିତ ହୋଇଛି। ସକାଳ ସାଢ଼େ ସାତଟାରେ ଇଦଗା ମଇଦାନରେ ସମସ୍ତେ ସମବେତ ହେଲା ପରେ ମୌଲାନ ମହମ୍ମଦ ହୁସେନ ନମାଜ ପାଠ କରାଇଥିଲେ। ଏହା ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ସୁଖସମୃଦ୍ଧି କାମନା କରିଥିଲେ। ଏହି ପର୍ବ ପାଳନରେ ମୁସଲିମ କମିଟିର ସଭାପତି ମହମ୍ମଦ ହାଫିଜ, ଉପସଭାପତି ସମସେର ଆଲମ, ସମ୍ପାଦକ ମୁମତାଜ ଆଲମଙ୍କ ସହିତ ଆବୁ ମହମ୍ମଦ, ମହମ୍ମଦ ସାବିର, ମହମ୍ମଦ ଜାଉଲ, ଗନି ଅନସାରୀ, ନିସର୍ ଅହମଦ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଗାଙ୍ଗପୁର ବିଜେଡିର ବୃକ୍ଷ ରୋପଣ, ରକ୍ତଦାନ ଶିବିର

ରାଜଗାଙ୍ଗପୁର, ୧୦।୭(ଡି.ଏନ.ଏ.): ରବିବାର ରାଜଗାଙ୍ଗପୁର ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ସ୍ଥାନୀୟ ଡାକବଙ୍ଗଳାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହିତ ମୋ ଓଡିଶା ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଜିଲା ବିଜେଡି ସଭାପତି ବିନୟ ଟପ୍ପୋ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ୭୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରାଜଗାଙ୍ଗପୁର ବିଜେଡିର ସୋଏବ ଆଲମ, କମଲ ଅଗ୍ରୱାଲ, ଅଶୋକ ଦାସ, ଉପନଗରପାଳ ଏମଡି ଇରଫାନ ପ୍ରମୁଖ ନେତୃବୃନ୍ଦଙ୍କ ସହ ଅନ୍ୟମାନେ ରହିଥିଲେ।

### ପ୍ରିୟାଂଶୁ ରିଆମାଳ ବ୍ଲକ ମାଟ୍ରିକ ଟପ୍ପର୍

ରିଆମାଳ, ୧୦।୭ (ଡି.ଏନ୍.ଏ.): ଦେବଗଡ ଜିଲା ରିଆମାଳ ବ୍ଲକର ନାଉଲିପଡା ସରକାରୀ ଉଚ୍ଚ ବିଦ୍ୟାଳୟର



ଛାତ୍ର ପ୍ରିୟାଂଶୁ ସାହୁ ମାଟ୍ରିକ ପରୀକ୍ଷାରେ ୯୪.୫% ପାଇ ରିମାମାଳ ବ୍ଲକରେ ପ୍ରଥମ ସ୍ଥାନ ଏବଂ ଦେବଗଡ଼ ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ଦେବଗଡ ଜିଲାପାଳଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ପ୍ରିୟାଂଶୁ ଶିକ୍ଷକ ଦେବେନ୍ଦ୍ର ସାହୁ ଏବଂ ଜୟନ୍ତୀ ପ୍ରଧାନଙ୍କର କନିଷ୍ଠ ପୁତ୍ର। ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି ତାଙ୍କର ଶିକ୍ଷକମାନେ ଆଶୀର୍ବାଦ ଦେଇଛନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଆଶା ରଖିଛନ୍ତି।

### ୧୧ରେ ଲହୁଣୀପଡ଼ାରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି

ଲହୁଣୀପଡା, ୧୦।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାରେ ପ୍ରଶାସନ ପକ୍ଷରୁ ସୋମବାର ୧୧ତାରିଖ ପୂର୍ବାହ୍ନ୧୦ଟାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଲହୁଣୀପଡା ବ୍ଲକ ପରିସରଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜନସାଧାରଣ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନଙ୍କ ସମସ୍ୟା, ଅଭିଯୋଗ ଆଦି ଉପସ୍ଥାପନ କରିବା ସହ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିପାରିବେ। ଏହାକୁ ଆଧାର କରି ପ୍ରଶାସନ ପକ୍ଷରୁ ଉନ୍ନୟନ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ ଓ ବ୍ୟାପକ କରାଯିବ। ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ବ୍ୟତୀତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ।

# ବନ୍ୟପ୍ରାଣୀଙ୍କ ପାଇଁ କାନୋପି ବ୍ରିଜ୍

- ବରସୁଆଁ ଘାଟିରେ ମାଙ୍କଡ ଓ ଅନ୍ୟ ବନ୍ୟପ୍ରାଣୀ ସୁରକ୍ଷିତ ଭାବେ ରାସ୍ତା ପାରି ହୋଇପାରିବେ
- ରାଜ୍ୟରେ ପ୍ରଥମ କାନୋପି ବ୍ରିଜ

ଟେନ୍‌ସା, ୧୦।୭(ଡି.ଏନ୍.ଏ.)

ଜଙ୍ଗଲରେ ବସବାସ କରୁଥିବା ବନ୍ୟପ୍ରାଣୀଙ୍କର ଅନେକ ସମୟରେ ରାସ୍ତା ପାର ହେଉଥିବାବେଳେ ଗାଡ଼ି ଚକା ତଳେ ଜୀବନ ଯାଇଥାଏ। ଏପରିକି ମାଙ୍କଡ଼ମାନେ ରାସ୍ତା ପାର ସମୟରେ ଜୀବନ ଯିବାର ନଜିର ରହିଛି। ଏମାନଙ୍କ ସୁରକ୍ଷା ପ୍ରତି କେହି କେବେ ଧ୍ୟାନ ଦିଅନ୍ତି ନାହିଁ। ବନ୍ୟପ୍ରାଣୀ ବିଶେଷକରି ମାଙ୍କଡ଼ଙ୍କ ସୁରକ୍ଷାକୁ ଆଖିଆଗରେ ରଖି ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ବରସୁଆଁ ଲୌହଖଣି ସେଲ୍ ସହାୟତାରେ ଟେନ୍‌ସା, ରାଉରକେଲା ରାସ୍ତାର ମଝିରେ ବରସୁଆଁଘାଟି ଅଞ୍ଚଳରେ ନିର୍ମାଣ କରିଛି କାନୋପି ବ୍ରିଜ। ଦେଖିବାକୁ ଏହି ବ୍ରିଜ ଖୁବ ସୁନ୍ଦର। ଏହି ବ୍ରିଜ ରାସ୍ତାଠାରୁ ୧୦୦ଫୁଟ ଉଚ୍ଚରେ ରହିଥିବାରୁ ଜଙ୍ଗଲୀ ଜୀବଜନ୍ତୁ ଏହା ଉପରେ ନିରାପଦ ଯିବା ଆସିବା କରିପାରିବେ। ମାଙ୍କଡ଼ମାନେ ଏହା ଉପରେ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବାଆସିବା କଲେ



ବରସୁଆଁଘାଟି ଅଞ୍ଚଳରେ ନିର୍ମାଣ ହୋଇଥିବା କାନୋପି ବ୍ରିଜ।

ସେମାନଙ୍କ ଜୀବନ ସୁରକ୍ଷା ପାଇପାରିବ। ଏହି କାନୋପି ବ୍ରିଜ ଦ୍ୱାରା ଏବେ ମାଙ୍କଡ଼ମାନଙ୍କ ସହ ସୁରକ୍ଷା ପାଇବେ ଜଙ୍ଗଲରେ ବସବାସ କରୁଥିବା ହଜାର ହଜାର ଗୁଣ୍ଡୁଚି ମୂଷା,ନେଉଳ,ଉଡ଼ନ୍ତା ଗୁଣ୍ଡୁଚି ମୂଷା, ଗୋଧି ପରି ଜଙ୍ଗଲୀ ସରୀସୃପ। କୋଇଡା ବ୍ଲକ ଖଣି ଖାଦାନ ଭରା ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୁହାଗୁଣ୍ଡ, ଲୁହାପଥର ବୋଝେଇ ଭାରିଯାନ ଚଳାଚଳ କରିଥାଏ। ପ୍ରତ୍ୟେକ ଦିନ ଏହି ଜଙ୍ଗଲ ଏବଂ ଘାଟି ରାସ୍ତା ଦେଇ ଯାଉଥିବା ଭାରିଯାନର ଚକା ତଳେ ରାସ୍ତା ପାର ହେଉଥିବାବେଳେ ଜୀବନ ଯାଇଥାଏ ମାଙ୍କଡ଼, ଗୁଣ୍ଡୁଚି ମୂଷା ଓ ଅନେକ ସରୀସୃପଙ୍କର। ଏଣିକି ଏହି ବ୍ରିଜ ରାସ୍ତା ପାରିହେବାରେ ଏହିସବୁ ବନ୍ୟପ୍ରାଣୀଙ୍କର ସହାୟକ ହେବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଟେନ୍‌ସା ରାଉରକେଲା ରାସ୍ତାର ଘଞ୍ଚ ଜଙ୍ଗଲ ବରସୁଆଁ ଘାଟିରେ ନିର୍ମାଣ ହୋଇଛି କାନୋପି ବ୍ରିଜ। ମାଙ୍କଡ଼, ସରୀସୃପଙ୍କ ଜୀବନ ରକ୍ଷା କରିବାରେ ସାହାଯ୍ୟ କରିବ ବୋଲି ପରିବେଶବିତ ଓ ବନ ବିଭାଗ କର୍ତ୍ତୃପକ୍ଷ ମତ ଦେଇଛନ୍ତି। ରଙ୍ଗବେରଙ୍ଗ କାନୋପି ବ୍ରିଜ ଜଙ୍ଗଲ ମଧ୍ୟରେ ଝୁଲନ୍ତା ଅବସ୍ଥାରେ ରହିଛି। ରାଉରକେଲା ରୁ ଟେନସା, କୋଇଡା, ବଡ଼ବିଲ ଆସୁଥିବା ଲୋକ ବରସୁଆଁ ଜଙ୍ଗଲରେ ଏହି ବ୍ରିଜର ଶୋଭା ଉପଭୋଗ କରିପାରିବେ। ବିଶେଷ କରି ଟେନସା ନେଚର କ୍ୟାମ୍ପକୁ ଆସୁଥିବା ପର୍ଯ୍ୟଟକମାନେ ଏହାର ମଜା ଉଠାଇ ପାରିବେ।

## ଶାନ୍ତିଶୃଙ୍ଖଳା ସହିତ ବାହୁଡ଼ାଯାତ୍ରା ସମ୍ପନ୍ନ

ଲହୁଣୀପଡା,୧୦।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଞ୍ଚଳରେ ଚଳିତବର୍ଷ ଶାନ୍ତିଶୃଙ୍ଖଳାର ସହିତ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ଅଞ୍ଚଳରେ ତିନିଦିନ ବ୍ୟାପୀ ଏହି ବାହୁଡାଯାତ୍ରା ଅନୁଷ୍ଠିତ ହେଉଥିବାରୁ ଗ୍ରାମାଞ୍ଚଳ ଉତ୍ସବ ମୁଖର ପାଲଟିଛି। ବାହୁଡ଼ାଯାତ୍ରା ଦିନ ରାଜାମୁଣ୍ଡାରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଠାକୁରଙ୍କର ରଥ ଗୁଡିଆଲି ସ୍ଥିତ ମାଉସୀ ମା ମନ୍ଦିରରୁ ଶରଧାପୁରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଥିଲା। ଏହି ବାହୁଡ଼ାଯାତ୍ରାରେ ଯୁଧିଷ୍ଠିର ତ୍ରିପାଠୀ ଛେରାପହଁରା କରିଥିବାବେଳେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ସେହିଦିନ ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁଳିପୋଷ ଗ୍ରାମରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବଣାଇ ଡିଏଫଓ ସନତ କୁମାର ଏନ ଛେରାପହଁରା କରିଥିଲେ। ତାଙ୍କୁ କୁଳିପୋଷ ଜଗନ୍ନାଥ ମନ୍ଦିରରୁ ବାଦ୍ୟନୃତ୍ୟର ତାଳେ ତାଳେ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିବା ଦେଖିବାକୁ ମିଳିଥିଲା। ଲହୁଣୀପଡାସ୍ଥିତ ହରି ଶଙ୍କରେଶ୍ୱର ମହାଦେବ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଦ୍ୱାରା ଆୟୋଜିତ ବାହୁଡ଼ାଯାତ୍ରା ଚଳିତବର୍ଷ ବଡ଼ ଧୁମଧାମରେ ଅନୁଷ୍ଠିତ ହୋଇଥିଲା। କଲ୍ୟାଣ ମଣ୍ଡପସ୍ଥିତ ମାଉସୀ ମା' ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୂଢ଼ କରିବା ପୂର୍ବରୁ ବଣାଇ ଉପଜିଲାପାଳ



ସୁରଞ୍ଜନ ସାହୁ ଛେରାପହଁରା କରିଥିଲେ। ବସନ୍ତସ୍ଥାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିରକୁ ରଥଟଣା ଯାଇଥିଲା। ସେହିଭଳି କଲେଇପୋଷ, କୁରଡ଼ା, ଖୁଣ୍ଟୁଗାଁ, ହଳଦୀକୁଦର, ଫୁଲଝର, ଦରଜିଙ୍ଗ, କପଣ୍ଡ, ଗମଲେଇ, ଡୁମକଳା, ଧୁଡି, ବରସୁଆଁ ପ୍ରଭୃତି ଅନେକ ଗ୍ରାମରେ ଚଳିତବର୍ଷ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମର ବାହୁଡ଼ା ଯାତ୍ରାରେ ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ ଦେଖିବାକୁ ମିଳିଥିବାବେଳେ ଭଜନ କୀର୍ତ୍ତନ ପାରମ୍ପରିକ ବାଦ୍ୟନୃତ୍ୟ ପରିବେଷଣ ହୋଇଥିବା ଜଣାପଡିଛି।

## ଭାଜପାର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ଼,୧୦।୭(ଡି.ଏନ.ଏ.)

ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଶଙ୍କରାସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଏହି ବୈଠକରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ରଖିଥିଲେ। ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ଅନ୍ୟତମ ସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୁନ୍ଦରଗଡ଼ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟିର ଅଧ୍ୟକ୍ଷ ଜୁଏଲ ଓରାମ ଯୋଗଦେଇଥିଲେ। ବଲାଙ୍ଗୀର ଜିଲା ପ୍ରଭାରୀ ସୁରେଶ୍ୱର ସତପଥୀ କାର୍ଯ୍ୟକର୍ତ୍ତାଙ୍କୁ ବୁଥ ସ୍ତରରେ ସଙ୍ଗଠନକୁ ମଜବୁତ କରିବା ପାଇଁ ମାର୍ଗଦର୍ଶନ କରିଥିଲେ। ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ସୁନ୍ଦରଗଡ଼ ବିଧାୟିକା ସୁଷମା ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଅଜୟ ପଟେଲ, ନରସିଂହ ମିଞ୍ଜ, ପୂର୍ବତନ ଜିଲା ସଭାପତି ଗିରଶ ଚନ୍ଦ୍ର ସାହୁ ପ୍ରମୁଖ ଏହି



ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟ ନେତା ମଞ୍ଚାସୀନ।

ବୈଠକରେ ଯୋଗଦେଇ ଆଠ ବର୍ଷ ପୂର୍ତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଗରିବ କଲ୍ୟାଣକାରୀ ଯୋଜନା, ବିଭିନ୍ନ ଐତିହାସିକ ନିଷ୍ପତ୍ତି ଓ ରାଜ୍ୟ ସରକାରଙ୍କ ଅପାରଗତାକୁ ତୃଣମୂଳ ସ୍ତରରେ ଲୋକଲୋଚନକୁ ଆଣିବା ସହିତ ସ୍ଥାନୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଜିଲା ସାଧାରଣ ସମ୍ପାଦକ ଅମୀର ନାଏକ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବ ସମ୍ମତିକ୍ରମେ ପାରିତ ହୋଇଥିଲା। ଏହି ବୈଠକରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ପଟେଲ, ଜାତୀୟ ପରିଷଦ ସଦସ୍ୟ ପ୍ରେମସାଗର ଓରାମଙ୍କ ସମେତ ରାଜ୍ୟ ମୋର୍ଚ୍ଚା ସଂଯୋଜକ ଜିଲା ପଦାଧିକାରୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ, ଜିଲା ପ୍ରତିନିଧି, ଜିଲା ମୋର୍ଚ୍ଚା ସଭାପତି, ଜିଲା ମୋର୍ଚ୍ଚା ସାଧାରଣ ସମ୍ପାଦକ, ମଣ୍ଡଳ ସଭାପତି, ମଣ୍ଡଳ ସାଧାରଣ ସମ୍ପାଦକ, ଭାଜପା ସମର୍ଥିତ ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

## କାରଖାନାରୁ ତମ୍ବା ଖୁମ୍ବ ଚୋରି ଘଟଣାରେ ସମିତି ସଭ୍ୟ ଗିରଫ

କୁଆଁରମୁଣ୍ଡା,୧୦।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବିଜାବାହାଲାସ୍ଥିତ ପବନ ଜୟ ସ୍ପଞ୍ଜ କାରଖାନାରୁ ତମ୍ବା ଖୁମ୍ବ ଚୋରି ଘଟଣାରେ ପୋଲିସ ରବିବାର ଜଣେ ସମିତି ସଭ୍ୟଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଉଛନ୍ତି କୁଆଁରମୁଣ୍ଡା ବ୍ଲକ ଖୁଖୁଣ୍ଡୁବାହାଲ ପଞ୍ଚାୟତର ସମିତି ସଭ୍ୟ ରୋଜିତ୍ ତିର୍କୀ(୩୪)। ଏହି ଚୋରି ଘଟଣା ଗତ ୧୮ ଦିନ ତଳେ ଘଟିଥିଲା। ଏଥିରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ଥିବା ପୋଲିସ ସନ୍ଦେହ କରୁଥିଲା। କାରଖାନାରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ କରି ସମିତି ସଭ୍ୟଙ୍କୁ ଗିରଫ କରିଛି। ଏବେବି ଘଟଣାର ମାଷ୍ଟରମାଇଣ୍ଡଙ୍କ ସମେତ


ଖୁଖୁଣ୍ଡୁବାହାଲ ସମିତି ସଭ୍ୟ ରୋଜିତ ତିର୍କୀଙ୍କୁ କୋର୍ଟ ଚାଲାଣ କରାଯାଉଛି।

ଅନ୍ୟମାନେ ଫେରାର ଅଛନ୍ତି। ଫେରାର୍ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ବୀରମିତ୍ରପୁର ଆଇଆଇସି ମନୋଜମଞ୍ଜରୀ ନାଏକ କହିଛନ୍ତି।

## ବଡ଼ଗାଁ ହାଇସ୍କୁଲରେ ବନମହୋତ୍ସବ

ବଡ଼ଗାଁ, ୧୦।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନମହୋତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଏସ୍‌ଡ଼ିପିଓ ସୁଶାନ୍ତ ଶେଖର ବେଉରିଆ ମୁଖ୍ୟ ଅତିଥି ଓ ବଡ଼ଗାଁ ଥାନାର ପ୍ରୋବେସନର ଡିଏସପି ବିଭୂତି ଭୂଷଣ ମହାପାତ୍ର , ବଡ଼ଗାଁ ଫରେଷ୍ଟର ତୃପ୍ତି ନାଏକ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ଏସ୍‌ଡ଼ିପିଓ ବେଉରିଆ ଗୋଟିଏ ବୃକ୍ଷ ଗୋଟିଏ ଶିଶୁ ସହିତ ସମାନ ବୋଲି ମତବ୍ୟକ୍ତ କରି ସମସ୍ତେ ଗଛ ଲଗାଇ ତାର ଯତ୍ନ ନେବାକୁ ବୁଝାଇଥିଲେ। ସରକାରୀ ଯୋଜନାରେ ରାସ୍ତା, ବିଭିନ୍ନ ପ୍ରତିଷ୍ଠାନ ନିର୍ମାଣ ଯୋଗୁ ଗଛ କରାଯାଉଛି, ଏହାକୁ ରୋକାଯାଇପାରିବ ନାହିଁ। ବଦଳରେ ଆମକୁ ଗଛ ଲଗାଇବାକୁ ପଡ଼ିବ କହିଥିଲେ। ପ୍ରୋବେସନର ଡିଏସପି ମହାପାତ୍ର କହିଥିଲେ ଗଛ କେବଳ ଲଗାଇଦେଲେ ହେବନାହିଁ, ପ୍ରତିବର୍ଷ ଗଛ ଲଗାଇବା ଓ ଗଛ ବଡ ହେବା ପର୍ଯ୍ୟନ୍ତ ତାର ଯତ୍ନ ନେବା ଆବଶ୍ୟକ। ଅନ୍ୟତମ ଅତିଥି ଫରେଷ୍ଟର ନାଏକ, ଛାତ୍ରୀ ଛାତ୍ରଙ୍କୁ ବୃକ୍ଷ ରୋପଣ ପାଇଁ ଉତ୍ସାହିତ କରିଥିଲେ। ଏହାପରେ ଅତିଥିମାନଙ୍କ ସହିତ ଛାତ୍ରୀଛାତ୍ର ସ୍କୁଲ ପରିସରରେ ବୃକ୍ଷ ଚାରା ରୋପଣ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଯୋନସନ ଖାଖା ପରିଚାଳନା କରିଥିଲାବେଳେ ଖେଳ ଶିକ୍ଷକ ପ୍ରଭାତ ଦ୍ୱାରୀ, ଗାଇଡ କମିଶନର ସ୍ୱର୍ଣ୍ଣଲତା ନାୟକ, ସହକାରୀ ଶିକ୍ଷକ ମଣ୍ଟୁ ପ୍ରଧାନ ସହଯୋଗ କରିଥିଲେ।

## ରାଜଗାଙ୍ଗପୁର ସହରକୁ ଡାକ୍ତର ଦେଲେ ନିଃଶୁଳ୍କ ସ୍ୱର୍ଗଦ୍ୱାର ବାହନ


ସ୍ୱର୍ଗଦ୍ୱାର ବାହନ ହସ୍ତାନ୍ତର ମୂହୂର୍ତ୍ତ।

ରାଜଗାଙ୍ଗପୁର, ୧୦।୭(ଡି.ଏନ.ଏ.)

ରାଜଗାଙ୍ଗପୁର ୧୨ନଂ. ୱାର୍ଡ ନିବାସୀ ତଥା ବିଳାସପୁର ଆପୋଲୋ ଚିକିତ୍ସାଳୟର ଡାକ୍ତର ଦେବେନ୍ଦ୍ର ସିଂ ତାଙ୍କ ପିତାମାତାଙ୍କ ସ୍ମୃତିରେ ରବିବାର ରାଜଗାଙ୍ଗପୁର ଜନସାଧାରଣଙ୍କ ସୁବିଧା ପାଇଁ ଏକ ସ୍ୱର୍ଗଦ୍ୱାର ବାହନ ସମର୍ପଣ କରିଛନ୍ତି। ଏହି ବାହନକୁ ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘକୁ ଦିଆଯାଇଛି। ଟ୍ରକ ମାଲିକ ସଂଘ ଏହାର ରକ୍ଷଣାବେକ୍ଷଣ ସହିତ ନିଃଶୁଳ୍କ ସେବା ଯୋଗାଇବ। ଟ୍ରକ ମାଲିକ ସଂଘକୁ ହସ୍ତାନ୍ତର ସମୟରେ ଡାକ୍ତରଙ୍କ ପରିବାର, ସଂଘର ସଭାପତି ରାକେଶ ନନ୍ଦା, ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଓ ଅନ୍ୟମାନେ ରହିଥିଲେ ।

## ବଢୁଛି ଦେଶୀ ବିଦେଶୀ ମଦର କାରବାର

ଲେଫ୍ରିପଡା,୧୦।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅଞ୍ଚଳରେ ଦିନକୁଦିନ ଦେଶୀ ବିଦେଶୀ ମଦର କାରବାର ବୃଦ୍ଧି ପାଉଛି। ଏହା ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇବାରେ ଲାଗିଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷ କରି ଏନଟିପିସି ଦର୍ଲିପାଲି ଅଞ୍ଚଳରେ ମଦର ବନ୍ୟା ଛୁଟିଥିବା ଅଭିଯୋଗ ହେଉଥିବା ବେଳେ ମଙ୍ଗସପୁର, ରେମଣ୍ଡା, ଯୋଗିମାଲ, ନିଆଲିପାଲି, ରାଏବଗା ଆଦି ପଞ୍ଚାୟତ ଅଞ୍ଚଳରେ ସଂଖ୍ୟାଧିକ ଚୋରା ବିଦେଶୀ ମଦର ଆଡ୍ଡା ରହିଛି। ସୁନ୍ଦରଗଡ଼ ସହରର ଲାଇସେନ୍ସପ୍ରାପ୍ତ ଏକ ନିର୍ଦ୍ଦିଷ୍ଟ ବିଦେଶୀ ମଦ ବ୍ୟବସାୟୀ ଏହି ଅଞ୍ଚଳକୁ ବେଆଇନ ଭାବେ ମଦ ଚାଲାଣ କରିଆସୁଛନ୍ତି। ଭଷ୍ମା ପୋଲିସକୁ ହାତ ବାରିଶି କରି ମଦକୁଟିଆଙ୍କୁ ସୁରକ୍ଷା ଦେବା ସକାଶେ କୁଟିଆ ବେପାରୀଙ୍କଠାରୁ ପୋଲିସର ଚାନ୍ଦା ବାବଦକୁ ମାସିକ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଉଥିବା ଏବଂ ସେମାନେ ନିର୍ଭୟରେ ଖୁଲୁମଖୁଲା ଭାବେ ସ୍ପଷ୍ଟ ଦିବାଲୋକରେ ମଦବିକ୍ରୀ କରି ଚାଲିଛନ୍ତି। ଏଭଳିକି କେତେକ ଢାବାରେ ମୋଟା ମୂଲ୍ୟରେ ଏହି ବିଦେଶୀ ମଦ ବିକ୍ରି ହେଉଛି। ନିକଟରେ ନୂତନ ଥାନା ଅଧିକାରୀ ଯୋଗ ଦେବା ପରେ ଅଞ୍ଚଳରେ ମଦର କାରବାର ଦୂର ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ସମ୍ପ୍ରତି ଅଧିକ ପରିମାଣରେ ମଦ କାରବାର ବୃଦ୍ଧି ପାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଣୁ ଏ ଦିଗରେ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେଇ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ଅନ୍ୟ ପକ୍ଷରେ ଭଷ୍ମା ଆଇଆଇସିଙ୍କୁ ଏ ଦିଗରେ ପଚାରିବାରୁ ଅଭିଯୋଗ ଉପରେ ଖଣ୍ଡନ କରିଛନ୍ତି ।

## ଯୁବ ସମାଜସେବୀ କୌଶିକ ପ୍ରଧାନଙ୍କୁ ସେବାରତ୍ନ ସମ୍ମାନ

ରିଆମାଳ, ୧୦।୭ (ଡି.ଏନ୍.ଏ.)

ନବନିର୍ବାଚିତ ଦେବଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ (ପପୁ) ଜଣେ ଜଣାଶୁଣା ଯୁବ ସମାଜସେବୀ ଭାବେ ଅଞ୍ଚଳରେ ପରିଚିତ। ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ତାଙ୍କୁ ସେବା ରତ୍ନ ସମ୍ମାନ ୨୦୨୨ ପ୍ରଦାନ କରିବା ସହ ସମ୍ବର୍ଦ୍ଧନା କରିଛନ୍ତି। ଦେବଗଡ଼ ଜିଲା ପାଇଁ ଏହା ଏକ ଗର୍ବ ଓ ଗୌରବର ବିଷୟ। ପ୍ରଧାନ ରିଆମାଳ ଅଞ୍ଚଳର ବାସିନ୍ଦା ହୋଇଥିବାରୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।



ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଉଛି।

## ଫଳକରେ ସୀମିତ ମହିଳା ଶୌଚାଳୟ

ଲେଫ୍ରିପଡ଼ା, ୧୦।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ଟଏଲେଟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଛି। ଗତ ୨୦୧୮-୧୯ ବର୍ଷରେ ଏହା ନିର୍ମାଣ ଆରମ୍ଭ ହୋଇଥିଲା। ଖାଲି ବସ୍ତା ପାଣ୍ଠିରୁ ଏହି ପ୍ରକଳ୍ପ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁରୀ ହୋଇଥିବା ବିଷୟ ସୂଚନା ଫଳକରେ ଦର୍ଶାଯାଇଛି। ପ୍ରକଳ୍ପ ୬।୩।୨୦୧୯ରେ ଆରମ୍ଭ ହୋଇଥିଲା। ତେବେ ଏହା ପ୍ଲିନ୍ଥ ଲେଭେଲରେ ଅଟକି ରହିଛି। ସେପଟେ ନିୟମିତ ବହୁ ସଂଖ୍ୟାରେ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ତଥା ସଂଖ୍ୟାଧିକ ମହିଳା



ମହିଳା ଶୌଚାଳୟ ପାଇଁ ଫଳକ।


ଅର୍ଦ୍ଧନିର୍ମିତ ଅବସ୍ଥାରେ ମହିଳା ଶୌଚାଳୟ।

କର୍ମଚାରୀ ରହିଥିଲେ ସୁଦ୍ଧା ସେମାନଙ୍କ ପାଇଁ ଟଏଲେଟ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏ ଦିଗରେ ଲେଫ୍ରିପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ବିଡ଼ିଓ ଦୃଷ୍ଟି ଦେଇ ପ୍ରକଳ୍ପର ପୁନଃଆରମ୍ଭ କରିବା ଦିଗରେ ତତ୍ପରତା ପ୍ରକାଶ କରାଯିବାକୁ ଦାବି ହେଉଛି । ଏ ସମ୍ପର୍କରେ ସ୍ଥାନୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କେହି କିଛି କହୁ ନ ଥିବା ଦେଖାଦେଇଛି।

## ସଂକ୍ଷେପରେ

### ମାଟ୍ରିକ ଟପ୍ପରଙ୍କୁ ଅଭିନନ୍ଦନ

କୋଲାବିରା,୧୦।୭ (ଡି.ଏନ.ଏ.): ମାଟ୍ରିକ ପରୀକ୍ଷାରେ ଝାରସୁଗୁଡ଼ା ଜିଲା କୋଲାବିରା



ବ୍ଲକ ଗଙ୍ଗାପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅମନ କୁମାର ସରାଫ ୯୪.୧ ପ୍ରତିଶତ ମାର୍କରଖି ଟପ୍ପର ହୋଇଛନ୍ତି। ସେ କୋଲାବିରା ବ୍ଲକ ରଘୁନାଥପାଲି ଗ୍ରାମର ମାନଭଞ୍ଜନ ସରାଫ ଓ ପଦ୍ମିନୀ ସରାଫଙ୍କ ପୁତ୍ର। ଅମନ ତାଙ୍କ ସଫଳତାର ଶ୍ରେୟ ମାତାପିତା ଓ ପ୍ରଧାନ ଆଚାର୍ଯ୍ୟା ସ୍ୱର୍ଣ୍ଣମୟୀ ନାୟକଙ୍କୁ ଦେଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଞ୍ଚଳବାସୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ

ଜୁନାଗଡ଼,୧୦।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଅଗ୍ରେସନ ଭବନଠାରେ ରବିବାର ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ଯୋଗଦେଇ ଦଳ ମଧରେ ଶୃଙ୍ଖଳା ବଜାଇ ରଖି ଦଳକୁ ମଜଭୁତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଭାଜପା ଦଳ ହିଁ ଦେଶକୁ ସ୍ଥିର ଶାସନ ଦେଇପାରିବ। ଆଗାମୀ ଦିନରେ ଏହି ଦଳ ହିଁ ଓଡିଶାକୁ ବିକଳ୍ପ ଶାସନ ଦେଇ ପାରିବ ବୋଲି ଦଳୀୟ ନେତାମାନେ କହିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସାଙ୍ଗଠନିକ ମନ୍ତ୍ରୀ ମାନସ ମହାନ୍ତି, ଜିଲା ପ୍ରଭାରୀ ରମେଶ ସାହୁ, ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଧନଞ୍ଜୟ ପାତ୍ର, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତ ରାଣୀ ସାହୁ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସଭାନେତ୍ରୀ ନିରୂପମା ନାଏକ, ବେଦ ପ୍ରକାଶ ଗୋଏଲ ଉପସ୍ଥିତ ରହିଥିଲେ।

### ସମର୍ଥକ, ଜନତା ଅସନ୍ତୁଷ୍ଟ: ରାଜନୀତିରୁ ସନ୍ୟାସ




ସମ୍ବଲପୁର,୧୦।୭(ବ୍ୟୁରୋ): କୌଣସି ଦଳରେ ନେତୃତ୍ୱ ନେଲେ ସମର୍ଥକ ଓ ନିର୍ଭର କରୁଥିବା ଜନସାଧାରଣଙ୍କ ଅନେକ ଆଶା ଭରସା ରହିଥାଏ। ସରକାରୀ ସ୍ତର ହେଉ କି ଘରୋଇ ସବୁ କ୍ଷେତ୍ରରେ ସେମାନଙ୍କୁ ସହଯୋଗ କରାଯାଇଥାଏ। ହେଲେ ଅନେକଙ୍କ ଆଶା ପୂରଣ ହୋଇ ନ ଥାଏ। ତେଣୁ ସେମାନେ ଅସନ୍ତୁଷ୍ଟ ହୋଇଥାନ୍ତି। ସେମାନଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହି କାରଣରୁ ଆଜିଠାରୁ ରାଜନୀତିରୁ ସନ୍ୟାସ ନେଉଛି ବୋଲି ବରିଷ୍ଠ ବିଜେଡି ନେତା ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଅନୁଗତ ଧନକଉଡ଼ା ବ୍ଲକ ଶାସନ ଗ୍ରାମର ଶ୍ରୀମନ୍ତ ହୋତା ରବିବାର ଏଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ୧୯୯୮ରୁ ଛାତ୍ର କଂଗ୍ରେସରେ ସାମିଲ ହୋଇ କାମ କରି ଆସିଥିଲି। ୨୦୧୮ରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କଂଗ୍ରେସ ଛାଡି ବିଜେଡିରେ ମିଶିଲେ। ସେ ସମୟରେ ତାଙ୍କ ସହ ବିଜେଡିରେ ଯୋଗ ଦେଇଥିଲି। ବିଜେଡି ବହୁ ମାନସମ୍ମାନ ଦେଇଥିଲା। ନିର୍ବାଚନ ସମୟରେ ଦଳ ଯେଉଁ ଦାୟିତ୍ୱ ଦେଇଥିଲା ତାହା ତୁଲାଇଥିଲି। ଧନକଉଡ଼ା ବ୍ଲକରେ ବିଜେଡି ଭଲ ପ୍ରଦର୍ଶନ କରିଥିଲା। ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଆସୁଥିଲି। ଦଳ ମଧ କେବେ ଅଣଦେଖା କରି ନାହିଁ। ହେଲେ ଆଜି ଦିନରେ ଯେଉଁମାନେ ଆଶା ରଖି ରାଜନୀତିକୁ ଆସୁଛନ୍ତି ସେମାନଙ୍କ ଆଶା ପୂରଣ କରି ହେଲା ନାହିଁ। ତେଣୁ ଦଳ ଛାଡିବାକୁ ବାଧ ହୋଇଛି। ଆଗକୁ ଲୋକମାନଙ୍କ ପାଇଁ ସେବା ଜାରି ରହିବ। କୌଣସି ରାଜନୈତିକ ଦଳରେ ଯୋଗଦେବାର ନାହିଁ। ଜଣେ ଚାଷୀ ଭାବେ କୃଷକ ସଂଗଠନ ସହିତ ଯେଭଳି ସମର୍ଥନ ରହିଥିଲା ସେଭଳି ରହିବ। ଚାଷୀଙ୍କ ହକ୍ ପାଇଁ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜାରିରହିବ ବୋଲି କହିଥିଲେ।

# ଉଦାରତା ସହ ଶୁଣିଲେ ସଂଗ୍ରାମୀଙ୍କ ସ୍ୱପ୍ନ ପୂରା ହେବ

### ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତାମାଳା

ସମ୍ବଲପୁର,୧୦।୭(ବ୍ୟୁରୋ)

ସମସ୍ତଙ୍କ ସ୍ୱର ଉଦାରତା ସହ ଶୁଣିପାରିଲେ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ପୂରା ହେବ। ଭାରତ ସ୍ୱାଧୀନତାର ସ୍ୱପ୍ନ ଏକ ନୁହେଁ ସ୍ୱପ୍ନର ସମାହାର। ଜାତି, ଧର୍ମ, ସଂସ୍କୃତି ବିବିଧତାରେ ସଂଖ୍ୟା ଗରିଷ୍ଠତା ଓ ସଂଖ୍ୟା ନ୍ୟୁନ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାଧୀନତା ଏବଂ ମୁକ୍ତି ଚେତନା ହିଁ ଭାରତ ସ୍ୱାଧୀନତା ଆନ୍ଦୋଳନର ସ୍ୱପ୍ନ ରହିଥିଲା। ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀ ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଅପୂର୍ବାନନ୍ଦ ଏହା କହିଥିଲେ।

ସେ ଆହୁରି କହିଥିଲେ, ଗାନ୍ଧୀ, ଆମ୍ବେଡକର, ରମା ବାଇଙ୍କଠାରୁ ଆରମ୍ଭ କରି ଦୟାନନ୍ଦ ଶତପଥୀଙ୍କ ପର୍ଯ୍ୟନ୍ତ


ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ।

ସମସ୍ତେ ଏହା ହିଁ ଆଶା କରିଥିଲେ। ଅଧୁରା ସ୍ୱପ୍ନ ପୂରା କରିବାକୁ ହେଲେ ଲମ୍ବା ଯାତ୍ରା କରିବାକୁ ପଡେ। ରାଷ୍ଟ୍ର ଉଦ୍ଦେଶ୍ୟରେ ଆମମାନଙ୍କ ଯାତ୍ରା ମଧ ସେହି ଢଙ୍ଗରେ ହେବା ଦରକାର। କିନ୍ତୁ ଆଜି ପ୍ରାଚିନତା, ବହୁଳତା, ସଂଖ୍ୟାକୁ ନେଇ ସ୍ୱପ୍ନଗୁଡିକୁ ଅବଦମିତ କରିବାକୁ ଚେଷ୍ଟା କରାଯାଉଛି। ବହୁମତ ଅଳ୍ପମତକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ସ୍ୱପ୍ନ ସାକାର କରିବା ପାଇଁ ସଂଘର୍ଷ କରିବାକୁ ହେବ ବୋଲି କହିଥିଲେ। ଶିକ୍ଷାବିତ୍ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ସ୍ୱାଧୀନତା ଆନ୍ଦେଳନର ସ୍ୱପ୍ନ ଓ ସାମ୍ପ୍ରତିକ ଭାରତର ଦଶ ଓ ଦିଶା ବିଷୟରେ ଆଲୋଚନା ହୋଇଥିଲା। ନିଖିଳ ଭାରତୀୟ କର୍ମଚାରୀ ମହାସଂଘ ମହାସଚିବ ଏମ୍. ବି. ସଜନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ମୃତି କମିଟି ଆବାହକ ପ୍ରଫୁଲ୍ଲ ହୋତା ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା ଦୟାନନ୍ଦଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଦାୟାନନ୍ଦଙ୍କ ଝିଅ ସୌଦାମିନୀ ନନ୍ଦ ସ୍ୱରଚିତ କବିତା ପାଠ କରିଥିଲେ। ଭାଗବତ ପ୍ରସାଦ ନନ୍ଦଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟିକ ତଥା ଖବରଦାତା କୁମାସ ହସନଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ମରଣୋପରାନ୍ତ ଶରୀର ପାଇଁ ଅରବିନ୍ଦ ମିଶ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଶେଷରେ ସରୋଜ ଦାସ ଧନ୍ୟବାଦ ଦେଇଥିଲେ।

### ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ସ୍ଥାପନା ଦିବସ

ସମ୍ବଲପୁର,୧୦।୭(ବ୍ୟୁରୋ)

ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ଆନୁକୂଲ୍ୟରେ ରାଷ୍ଟ୍ରୀୟ ସ୍ଥାପନା ଦିବସ ରବିବାର ତାଳପଦରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ମର୍କଧ୍ୱଜ ଯୋଶୀଙ୍କ ନେତୃତ୍ୱରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଗ୍ରାମ ବିଦ୍ୟାଳୟରରେ ପଢୁଥିବା ପିଲାମାନଙ୍କୁ ଖାଦ୍ୟ ଓ ପାଠ୍ୟ ଉପକରଣ ବିତରଣ କରାଯାଇଥିଲା । ପ୍ରାନ୍ତ ମହାସଚିବ ଶ୍ୟାମ ସୁନ୍ଦର ଶର୍ମା, ପ୍ରାନ୍ତ ଉପସଭାପତି ବିନୋଦ ଅଗ୍ରୱାଲ, ପ୍ରାନ୍ତ ମହିଳା ସଚିବ ଭାରତୀ ଠାକୁର, ପ୍ରାନ୍ତ ସଂସ୍କାର ସଚିବ ଡା. ରଶ୍ମିରେଖା ଜେନା, ଶାଖା ସେବା ସଚିବ ଭକ୍ତ ପ୍ରସାଦ ନନ୍ଦ, ଶାଖା ଉପସଭାପତି ବିଶାଲ ବଂଶଲ, ଶାଖା ମହିଳା ସଚିବ ଜେ. ଗିରିଜା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଶାଖା ସମ୍ପାଦକ ସୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ରଥାରୂଢ଼ ଠାକୁରଙ୍କ ସୁନାବେଶ


ସମ୍ବଲପୁର ମୁଦିପଡା ଠାକୁରଙ୍କ ସୁନାବେଶ ।

ସମ୍ବଲପୁର, ୧୦।୭ (ବ୍ୟୁରୋ)

ସମ୍ବଲପୁର ସହରରେ ରବିବାର ରଥାରୂଢ଼ ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମୁଦିପଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ରଥାରୂଢ଼ ଠାକୁରଙ୍କ ଧୂପ ନୀତି ପରେ ସେବାୟତମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସୁନାବେଶରେ ସଜ୍ଜିତ କରିଥିଲେ। ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ପୂର୍ବାହ୍ନ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଠାକୁର ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ୧୦ଟାରେ ଲକ୍ଷ୍ମୀ ନାରାୟଣ କଳି ନୀତି ହୋଇଥିଲା। ୧୦ଟାରେ ଭିତିରି ବିଜେ, ସାଢ଼େ ୧୦ଟାରେ ଠାକୁରଙ୍କ ପ୍ରତିଷ୍ଠା ଓ ୧୧ଟାରେ ସିଂହାସନ ବିଜେ ନୀତି ହୋଇଥିଲା। ଅବିନାଶ ପଣ୍ଡା ଠାକୁରଙ୍କ ବେଶ କରିଥିଲେ। ସନ୍ଧ୍ୟା ୮ଟାରେ ଭଜନ ସମାରୋହ ହୋଇଥିଲା। ସେହିପରି ସମ୍ବଲପୁର ସହର ସର୍ବପୁରାତନ ଝାଡୁଆପଡା ବ୍ରହ୍ମପୁରା ଠାକୁର, ଧନୁପାଲି ଗୋପାଳଜୀ ଠାକୁର, ସାକ୍ଷୀପଡା ରାଧାମୋହନ ଗୋପାଳ ଏବଂ କ୍ଷେତରାଜପୁର ଜଗନ୍ନାଥଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା।

### ରେଢ଼ାଖୋଲରେ ସୁନାବେଶ, ଭଜନସନ୍ଧ୍ୟା

ରେଢ଼ାଖୋଲ,୧୦।୭(ଡି.ଏନ.ଏ.)

ରେଢାଖୋଲରେ ଦୀଘ ୧୨ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ରଥଯାତ୍ରାରେ ରବିବାର ବଡଦାଣ୍ଡରେ ଅଟକିଥିବା ୨ ରଥକୁ ଅପରାହ୍ନରେ ଟଣାଯାଇଥିଲା। ପରେ ରଥ ଉପରେ ଠାକୁରମାନଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇଥିଲା। ବାହୁଡାଯାତ୍ରାର ଦ୍ୱିତୀୟ ଦିନରେ ମଧ ହଜାର ହଜାର ଶ୍ରଦ୍ଧାଳୁ ଠାକୁରଙ୍କ ସୁନାବେଶ ଦର୍ଶନ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ବଡଦାଣ୍ଡରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଦେବୋତ୍ତର କମିଟି, ରଥଯାତ୍ରା ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହେଉଛି। ସୋମବାର ରଥ ଉପରେ ଠାକୁରମାନଙ୍କ ଅଧରପଣା ନୀତି ଓ ମଙ୍ଗଳବାର ସନ୍ଧ୍ୟାରେ ନିଳାଦ୍ରିବିଜେ ଅନୁଷ୍ଠିତ ହେବ ବୋଲି ବ୍ରହ୍ମସମାଜ ପକ୍ଷରୁ ସୂଚନା ଦିଆଯାଇଛି।


ସୁନାବେଶରେ ଚତୁର୍ଦ୍ଧାମୂର୍ତ୍ତି।

### ନୂଆଡିହିରେ କିଶୋରୀ ବାଳିକା କର୍ମଶାଳା


କର୍ମଶାଳାରେ ଅତିଥିଙ୍କ ସହ ଉପସ୍ଥିତ ବାଳିକାମାନେ।

କୁଚିଣ୍ଡା,୧୦।୭(ଡି.ଏନ.ଏ.)

ବାମରା ବ୍ଲକ ଲରିଆପାଲି ପଞ୍ଚାୟତର ନୂଆଡ଼ିହି ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଭୁବନେଶ୍ୱର ସିଡବ୍ଲ୍ୟୁଏସ୍ ଆନୁକୂଲ୍ୟରେ କିଶୋରୀ ବାଳିକାମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ବାଲ୍ୟ ବିବାହ, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟର ଅଭାବ ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଏଥିରେ ସିଡବ୍ଲ୍ୟୁଏସ୍ କ୍ଷେତ୍ର କର୍ମଚାରୀ ଅକ୍ଷୟ ସୂତାର ଅତିଥି ପରିଚୟ ପ୍ରଦାନ ସହ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚାଇଲ୍ଡଲାଇନ ଡାଇରେକ୍ଟର ପ୍ରଦୀପ ମହାକୁଳ, ନୂଆଡ଼ିହି ହାଇସ୍କୁଲ ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ଓ ଚାଇଲ୍ଡଲାଇନ କର୍ମୀ ଭୂମିଶ୍ୱେତା ଧୁରୁଆ ଉପସ୍ଥିତ ୫ ଗାଁର କିଶୋରୀ ବାଳିକାମାନଙ୍କୁ ସଚେତନ କରିଥିଲେ। କର୍ମଶାଳାକୁ ଅଙ୍ଗନୱାଡି କର୍ମୀ ଦୁର୍ମିଳା ଧୁରୁଆ, ସରୋଜିନି ବିଲୁଙ୍ଗ ଓ ରାଜମଣୀ ଲାକ୍ରା ପରିଚାଳନା କରିଥିଲେ। ଶେଷରେ ସିଡବ୍ଲ୍ୟୁଏସ୍ କର୍ମୀ ବିନିତା ଖଡ଼ିଆ ଧନ୍ୟବାଦ ଦେଇଥିଲେ।

# 'ଅଭିବ୍ୟକ୍ତିର ସ୍ୱାଧୀନତା ସର୍ବଶ୍ରେଷ୍ଠ ମାନବ ଅଧିକାର'

ଝାରସୁଗୁଡ଼ା ଅଫିସ, ୧୦।୭

ବଞ୍ଚିବା ଓ ମଣିଷ ପରି ବଞ୍ଚିବା ଭିତରେ ଅନେକ ପାର୍ଥକ୍ୟ ଅଛି। କେବଳ ମନୁଷ୍ୟ ଖାଦ୍ୟ ଅଭାବ ଯୋଗୁ ଦୁଃଖୀ ନ ଥାଏ। ବରଂ ଯଦି ତାକୁ ସମ୍ମାନ ନ ମିଳେ, ସମାଜ ଭିତରେ କୌଣସି ଧର୍ମ, ସମ୍ପ୍ରଦାୟ, ଜାତି ଭିତରେ ବାଣ୍ଟି ଦେଇ ନିଜର ଅଭିବ୍ୟକ୍ତିର ସ୍ୱାଧୀନତାକୁ ଛିଣ୍ଡାଇ ଦିଆଯାଏ ତେବେ ସେ ଜୀବନ୍ତ ଶବ ପାଲଟିଯାଏ। ବିଗତ ଦିନରେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ସରକାର କଳେ ବଳେ କୌଶଳେ ସଙ୍କୁଚିତ କରିବାର ପ୍ରୟାସ କରୁଛନ୍ତି ଓ ବ୍ୟକ୍ତିର ସ୍ୱାଧୀନ ଚିନ୍ତନ ଉପରେ ପ୍ରହାର କରୁଛନ୍ତି। ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ସମାଜ ଓ ଦେଶ ସ୍ୱାଧୀନ ପାଇଁ ଯେଉଁ ସଂଗ୍ରାମ ଥିଲା ଆଜିର ଶାସନରେ ନିଜକୁ ସମ୍ରାଟ ବୋଲାଉଥିବା ନେତୃମଣ୍ଡଳୀ ତା'ର ବିପରୀତ ବ୍ୟବହାର କରୁଛନ୍ତି। ଝାରସୁଗୁଡାଠାରେ ରବିବାର ଅନୁଷ୍ଠିତ ଜାତୀୟ ସମ୍ମାନରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଅପୂର୍ବାନନ୍ଦ ଏହା କହିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ବିଶ୍ୱ ମାନବ ଅଧିକାର ସଂଗଠନ ଝାରସୁଗୁଡ଼ା ଶାଖା ଓ ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ଆୟୋଜିତ 'ଗାନ୍ଧିଜୀ ଓ ମାନବାଧିକାର' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ଚକ୍ରରେ ଅଭିଷେଖ ଲାଠ ପୌରୋହିତ୍ୟ କରିଥିବା ବେଳେ ପ୍ରାଧାପକ ତପନ କୁମାର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଚିନ୍ତାମଣି ପୂଜାରୀଙ୍କ ଫଟୋ ଚିତ୍ରର ଶୁଭ ଉନ୍ମୋଚନ ହୋଇଥିଲା। ଚିତ୍ରକର ଶରତ କ୍ଷେତ୍ରୀ, ସ୍ୱର୍ଗତ ବିହାରୀ ରାମ ତନ୍ତୀଙ୍କ ନାତି ଦୁର୍ଗାପ୍ରସାଦ ତନ୍ତୀ, ସ୍ୱର୍ଗତ ଚିନ୍ତାମଣି ପୂଜାରୀଙ୍କ ବଂଶଜ ଜୟଦେବ ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଲେଖକ ବିରାଟ ରାଜା ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା, ବ୍ରଜରାଜନଗର, ବେଲପାହାଡ଼, ଲଖନପୁର ଅଞ୍ଚଳରୁ ବହୁ ଗାନ୍ଧୀପ୍ରେମୀ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

### ଜମନକିରାରେ ଜେଏମ୍‌ଏଫ୍‌ସି କୋର୍ଟ ନେଇ ବୈଠକ

ଜମନକିରା, ୧୦।୭(ଡି.ଏନ.ଏ.)

ଜମନକିରା ବ୍ଲକ ସଦର ମହକୁମା ସମ୍ମିଳନୀ କକ୍ଷରେ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟ ଶୁଭାରମ୍ଭ କରିବା ନେଇ ଏକ ବୈଠକ ବିଧାୟକ କିଶୋର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ଓକିଲ ସଂଘର ରବି ନାୟକ, ପୂର୍ବତନ ଜିଲା ପରିଷଦ ସଭାପତି ଶୋଭାରାମ ପ୍ରଧାନ, ବରିଷ୍ଠ ଓକିଲ ସରୋଜ ପଟ୍ଟନାୟକ, କାନନବାଲା ପଟ୍ଟନାୟକ, ସଞ୍ଜୀବ କୁମାର ପଟେଲ, ତ୍ରିନାଥ ପ୍ରସାଦ କଉଡ଼ି, ପ୍ରକାଶ ଚନ୍ଦ୍ର ଗୁପ୍ତା, ସନ୍ତୋଷ ସାହୁ, କଳିଙ୍ଗ କିଶୋର ପଟ୍ଟନାୟକଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବର୍ତ୍ତମାନ ସ୍ଥିତିରେ ନୂତନ କୋଠା ହେବା ପର୍ଯ୍ୟନ୍ତ କୌଣସି ସରକାରୀ ସ୍ଥାନ ନିରୂପଣ କରି ଅସ୍ଥାୟୀ ଭାବେ କାର୍ଯ୍ୟ ଆରମ୍ଭ କରିବାକୁ ଆଲୋଚନା ହୋଇଥିଲା।

### ସୁପର ଇକୋର ନୂଆ ଶୋ'ରୁମ ଉଦ୍‌ଘାଟିତ


ଶୋ'ରୁମ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର,୧୦।୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଫାର୍ମ ରୋଡ ଚେରୁଆପଡା ଛକରେ ରବିବାର ସୁପର ଇକୋ କମ୍ପାନୀର ପି-ସ୍କୋୟାର ନାମରେ ନୂତନ ଶୋ'ରୁମ ଉଦ୍‌ଘାଟିତ ହୋଇଛି। ହିଣ୍ଡାଲ୍‌କୋ କମ୍ପାନୀ ମାନବସମ୍ବଳ ବିଭାଗ ମୁଖ୍ୟ କ୍ରିଷ୍ଣା ପାଢୀ, ବିକାଶ ଶର୍ମା, ଜିଲା ସନ୍ତରଣ ସଂଘ ସଭାପତି ଅକ୍ଷୟ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶୋ'ରୁମରେ ବିଦ୍ୟୁତ ଚାଳିତ ସ୍କୁଟି, ବାଇକ୍, ଅଟୋ, ମାଲବୁହା ଅଟୋ ବିକ୍ରି ହେବ। ଗ୍ରାହକଙ୍କ ସୁବିଧା ପାଇଁ ଏଠାରେ ଗାଡିଗୁଡିକର ମରାମତି ମଧ କରାଯିବ। ୫୬ ହଜାରରୁ ଆରମ୍ଭ କରି ୧ ଲକ୍ଷ ୪୦ ହଜାର ଟଙ୍କା ମୂଲ୍ୟର ଗାଡି ରହିଛି। କମ୍ପାନୀର ରାଜ୍ୟ ମୁଖ୍ୟ ଗଣେଶ୍ୱର ସାହୁ ଉପସ୍ଥିତ ଗ୍ରାହକମାନଙ୍କୁ ଗାଡି ସମ୍ପର୍କରେ ବୁଝାଇଥିଲେ। ଶୋ'ରୁମ ମୁଖ୍ୟ ସାଗରିକ ପ୍ରଧାନ ଓ ସ୍ନିଗ୍ଧାରାଣୀ ଏକ ଲକି ଡ୍ର ଉପରେ ସୂଚନା ଦେଇଥିଲେ। କମ୍ପାନୀର ବିଭୁତିଭୂଷଣ ପଡିଆରୀ, ସୁମନ୍ତ କୁମାର ପାତ୍ର ଉପସ୍ଥିତ ଥିଲେ।

# ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ

### କୁଚିଣ୍ଡାରେ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

କୁଚିଣ୍ଡା,୧୦।୭(ଡି.ଏନ.ଏ.)

କୁଚିଣ୍ଡା ଟାଉନ ହଲଠାରେ ରବିବାର ଭାଜପା ପକ୍ଷରୁ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଗିରିଶ ପଟେଲଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାୟକ, ସମ୍ବଲପୁର ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଭ୍ୟ ବୃନ୍ଦାବନ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ପୂର୍ବତନ ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାମଚନ୍ଦ୍ର ମେହେର, ରାଷ୍ଟ୍ରୀୟ ୟୁରାନିୟମ କମିଟି ନିର୍ଦ୍ଦେଶକ କର୍ଣ୍ଣଲ ପ୍ରଭାତ ପଣ୍ଡା ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ କରି ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରସ୍ତୁତ ହୋଇଥିବା


ବୈଠକରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

ରାଜନୈତିକ ଚିଠା ତାଲିକାକୁ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା। ଏହାଛଡା ଗୋସୁରକ୍ଷା ପାଇଁ ସମସ୍ତ କର୍ମୀ କାର୍ଯ୍ୟ କରିବା, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନକୁ ଦଳ ପକ୍ଷରୁ ସମର୍ଥନ କରିବା, ଫସଲ ବୀମାରୁ ବଞ୍ଚିତ ହୋଇଥିବା ପଞ୍ଚାୟତ ଯେପରି ବୀମାଭୁକ୍ତ ହେବେ ସେଥିପାଇଁ ଆନ୍ଦୋଳନ କରିବା, କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୮ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବା, ଆଗାମୀ ୧୭ତାରିଖ ସନ୍ଧ୍ୟାରେ ଜିଲାର ପ୍ରତ୍ୟେକ ଗାଁ ମନ୍ଦିରରେ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ନିମନ୍ତେ ସାମୂହିକ ଦୀପ ଦାନ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଜିଲା ଉପସଭାପତି ଫଣି ଭୂଷଣ ମିଶ୍ର, ବୀରେନ୍ଦ୍ର ଚୌଧୁରୀ, ସାଧାରଣ ସମ୍ପାଦକ ଶୁଶିଳ କର ଓ ଆଶିଷ ହୋତା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁପମା ନାଏକ, ଆଦିବାସୀ ମୋର୍ଚ୍ଚା ସଭାପତି ଦିବ୍ୟରାଜ କିଷାନ, ବାମରା ବ୍ଲକ ଅଧକ୍ଷା ପିଙ୍କି ଧୁରୁଆ, କୁଚିଣ୍ଡା ବ୍ଲକ ଉପାଧକ୍ଷା ରଶ୍ମିତା ନାଏକଙ୍କ ସମେତ ଜିଲାର ୨୭ ମଣ୍ଡଳର ପଦାଧିକାରୀ ଓ ଜିଲା କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧକ୍ଷ, ଉପାଧକ୍ଷ, କାଉନସିଲର, ଲ୍ୟାମ୍ପ୍ସ ଡାଇରେକ୍ଟର, ଜିଲାପରିଷଦ ସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୁଚିଣ୍ଡା ନଗର ମଣ୍ଡଳ ସଭାପତି କାହ୍ନୁଚରଣ ନାୟକ ଧନ୍ୟବାଦ ଦେଇଥିଲେ।

**ଘୁଡୁଘୁଡି ଖେଳ, ୫ ଗିରଫ**

ବେଲପଡା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଥାନା ବିଛୁବାହାଲି ଗ୍ରାମରେ ରବିବାର ବହୁଡା ଯାତ୍ରା ସମୟରେ ଘୁଡୁଘୁଡି ଖେଳ ଚାଲିଥିବା ସମୟରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୧୪ହଜାର ୨୪୦ଟଙ୍କା ସହ ପଟି, ଗୋଟି, ୫ମୋବାଇଲ, ୨ଟି ବାଇକ ଜବତ ହୋଇଛଇ। ଗିରଫ ଜୁଆଡିମାନେ ହେଲେ ବିଦ୍ୟାଧର ସାହୁ, ଗୁନିଆଁ ତାଣ୍ଡି, ଲଖିରାମ ଖୁରା, ଖଗେଶ୍ୱର ବାଗ ଓ ଯୁଧିଷ୍ଠିର ଗହିରା। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବା ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ନଦୀରେ ଭାସିଯାଇ ବୃଦ୍ଧଙ୍କ ମୃତ୍ୟୁ

**ଭବାନୀପାଟଣା,୧୦।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କେରପାଇ-କାଚଲେଖା ନଦୀର ଏକ ଅସ୍ଥାୟୀ ପୋଲରେ ଭାସିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାଚଲେଖା ଗ୍ରାମର ମସିଆ ମାଝି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ମସିଆ ନିଜ ଝିଅ ଘର ବାରଙ୍ଗପଦର ଗ୍ରାମକୁ ସ୍ଥାନୀୟ ନଦୀର ଏକ ଅସ୍ଥାୟୀ ପୋଲ ଦେଇ ଯାଉଥିଲେ। ଏହି ସମୟରେ ଅସ୍ଥାୟୀ ପୋଲ ଭାଙ୍ଗିଯାଇଥିବାରୁ ହଠାତ୍ ସେ ପ୍ରଖର ପାଣି ସ୍ରୋତରେ ଭାସି ଯାଇଥିଲେ। ଉକ୍ତ ଦିନ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ରବିବାର ସକାଳେ ଅସ୍ଥାୟୀ ପୋଲର ପ୍ରାୟ ୧ କି.ମି. ଦୂରରେ ମସିଆଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ଭବାନୀପାଟଣା,୧୦।୭(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସହରର କଲେଜ ଛକ ନିକଟରେ ଶନିବାର ରାତିରେ ଟ୍ରକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ମଦନପୁର ଗାଁର କୁଳମଣି ଧରୁଆ ବୋଲି ଜଣାପଡିଛି। ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

### ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଉପଲକ୍ଷେ ବିଭିନ୍ନ ସେବା କାର୍ଯ୍ୟ

**ରୁପ୍ରାରୋଡ,୧୦।୭(ଡି.ଏନ.ଏ.):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୪ ବର୍ଷ ପୂର୍ତ୍ତି ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କଳାହାଣ୍ଡି ଜିଲା ନର୍ଲା କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ, ବୃକ୍ଷ ରୋପଣ ଓ ସ୍ୱଚ୍ଛତା ଭଳି ବିଭିନ୍ନ ସେବା କାର୍ଯ୍ୟ କରିଛନ୍ତି। କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନଗର ସଭାପତି ବାସନ୍ତୀ ସାହୁ, ବିଭାଗ ସଂଯୋଜକ ନୃପମଣି ବାହୁକ, ଶୁଭମ ରୋହିଲା, ରତ୍ନାକର ନାଗ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ବର୍ଷ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ କରାଯିବ । ତେଣୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସାରା ଦେଶରେ ୧ କୋଟି ଗଛ ଓ କଳାହାଣ୍ଡି ଜିଲାରେ ୩୦୦୦ ଗଛ ଲଗାଇବ ବୋଲି ଜିଲା ସଂଯୋଜକ ତନ୍ମୟ ବିଶି କହିଛନ୍ତି। ସେହିଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ବିକାଶ ସହିତ ରାଷ୍ଟ୍ର ପୁନଃ ନିର୍ମାଣ କାର୍ଯ୍ୟ କରିବା ପାଇଁ ନର୍ଲା ନଗର ସମ୍ପାଦିକା ସୁଜାତା ନାଗ ସମସ୍ତଙ୍କୁ ଆଗ୍ରହ କରିଛନ୍ତି।

### ଯାଦବ ସମାଜ ପକ୍ଷରୁ ନିରଞ୍ଜନ ବିଶିଙ୍କୁ ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ,୧୦।୭:** ସ୍ଥାନୀୟ ଯାଦବ ଭବନ ଠାରେ ଯାଦବ ମହାସଭା ପକ୍ଷରୁ ପୌରାଞ୍ଚଳ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜ୍ୟ ସଭା ଏମପି ନିରଞ୍ଜନ ବିଶିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଶାନ୍ତ ମହାକୁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୀରେନ୍ଦ୍ର ବନଛୋର ମଞ୍ଚ ପରିଚାଳନା କରିଥିଲେ । ରାଜ୍ୟ ସଭା ଏମପି ବିଶିଙ୍କୁ ସଭାପତି ସଲେମା ଓ ସତ୍ୟନାରାୟଣ ବାଗ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। ଅଧାପକ କବିରାଜ ଭୋଇ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ଯାଦବ ମହାସଭା ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡଳଠାରେ ଏକ କଳାକେନ୍ଦ୍ର ସ୍ଥାପନ କରିବା ସହ ଆଦିବାସୀମାନଙ୍କ କଳା ଓ ସଂସ୍କୃତିର ବିକାଶ ନିମନ୍ତେ ପ୍ରତିବର୍ଷ ଆଦିବାସୀ ଆୟୋଜନ ଏବଂ ଯାଦବ ସମାଜର ଅସ୍ମିତା ବାଡିଖେଳ ପରମ୍ପରାକୁ ରାଜ୍ୟ ତଥା ଜାତୀୟସ୍ତରରେ ଆୟୋଜନ କରିବା ପାଇଁ ଦାବି କରାଯାଇଥିଲା। ଯାଦବ ମହାସଭା ସମ୍ପାଦକ ପ୍ରଦୀପ ସେଲମାଙ୍କ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଦୃତିବାହନ ଚନ୍ଦନ, ରଥିଚନ୍ଦ୍ର ଭୋଇ, ଅଧାପକ ଦିବାକର ପୋଢ଼, ପୂର୍ବତନ ଉପସଭାପତି ବାସୁଦେବ ନାଗ, ପୌରାଞ୍ଚଳ ସମ୍ପାଦକ ଅଷ୍ଟମୀ ବଗର୍ତ୍ତି, ଖିରତମଲ ରାଉତ, କିଶୋର ଜାଲ, ଜୟପ୍ରକାଶ ମଟାରୀ, କୃଷ୍ଣଚନ୍ଦ୍ର ବଗର୍ତ୍ତି, ଆକୁଳ ବଗର୍ତ୍ତି, ବରୁଣ କୁମାର ହେର୍ଣ୍ଣା, ସନ୍ଦୀପ ବାଗ, ଜୟଦେବ ଜାଲ, ସଞ୍ଜୀବ ବାଗ, ସତ୍ୟସୁନ୍ଦର ଭଞ୍ଜ, ଚିତ୍ତରଞ୍ଜନ ମିଶ୍ର, ବିଷ୍ଣୁ ପ୍ରସାଦ କେଡିଆ, ବିଭୁ କଲ୍ୟାଣ ଗଡତ୍ୟା, ଦୟା ସାଗର ବଗର୍ତ୍ତିଙ୍କ ସମେତ ଆଦିବାସୀ ସଂଘ ଏବଂ ଯାଦବ ସମାଜ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବୋଡେନରେ ସାରର ଉତ୍କଟ ଅଭାବ

**ବୋଡେନ,୧୦।୭(ଡି.ଏନ.ଏ.)**



ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ନୂଆପଡ଼ା ଜିଲା ବୋଡେନ ପ୍ରାଥମିକ କୃଷି ସମବାୟ ସମିତି ଅଞ୍ଚଳରେ ରାସାୟନିକ ସାରର ଅଭାବ ଦେଖାଦେଇଛି। ପ୍ରଥମେ ବିଳମ୍ବ ବର୍ଷା ଯୋଗୁ ଚାଷ ବିଳମ୍ବିତ ହୋଇଥିଲା। ପରେ ଚାଷୀ କିଣିଥିବା ୧୦୦୧ ଓ ଯମୁନା କିସମ ଧାନ ବିହନ ଗଜା ହୋଇ ନ ଥିଲା। ଚାଷୀ ଯେନତେଣ ପ୍ରକାରେ ଚାଷ କାମକୁ ଆଗେଇ ନେଉଥିବା ବେଳେ ଏବେ ସାର ଅଭାବ ମୁଣ୍ଡବ୍ୟଥାର କାରଣ ହୋଇଛି। ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାର ହେବା ପରେ ଶହ ଶହ ଚାଷୀ ସାର ପାଇଁ ପହଞ୍ଚିଥିଲେ। ଯୋଗାଣ କମ୍ ଥିବା କହି ଋଣୀ ଚାଷୀଙ୍କୁ ପ୍ରଥମେ ସାର ଦେବା ନିଷ୍ପତ୍ତିକୁ ଚାଷୀ ବିରୋଧ କରିଥିଲେ। ତହସିଲ ଅଫିସ ପହଞ୍ଚି ତହସିଲଦାର ରାଜେଶ କୁମାର ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ମେହେର କୃଷି ବିଭାଗ ସହ ଯୋଗାଯୋଗ କରି ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଫେରିଥିଲେ। ସମବାୟ ସିମିତି ଅଧିକାରୀ ସାର ଯୋଗାଣ କମ୍ ଥିବା ସ୍ୱୀକାର କରିଥିଲେ। ଖରିଫ ଋତୁ ପାଇଁ ବୋଡେନ ସମବାୟ ସମିତି ଅଧୀନରେ ଥିବା ଚାଷ ଜମି ପାଇଁ ୧୭ ଶହ କୁଇଣ୍ଟାଲ ଡିଏପି, ୨ ହଜାର କୁଇଣ୍ଟାଲ ୟୁରିଆ, ୫ଶହ କୁଇଣ୍ଟାଲ ପଟାସ୍ ସାର ଆବଶ୍ୟକ ହୋଇଥାଏ। ପ୍ରାଥମିକ ପର୍ଯ୍ୟାୟ ଚାଷ ସମୟରେ ପ୍ରାୟ ୨ ହଜାର କୁଇଣ୍ଟାଲ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୩ ଶହ କୁଇଣ୍ଟାଲ ସାର ଯୋଗାଣ ହୋଇଛି। ଯାହା ଋଣୀ ଚାଷୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସାର ଯୋଗାଇ ଦେବାକୁ ନିଷ୍ପତ୍ତି ନେବାକୁ ସମବାୟ ସମିତିକୁ ବାଧ କରିଛି।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା



କୃଷକ ସମ୍ପର୍କ ମେଳାରେ ମଞ୍ଚାସୀନ ଅତିଥି ଓ କୃଷି ଅଧିକାରୀମାନେ।

**ବେଲପଡା,୧୦।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅଁଏଲାଭଟା ଗ୍ରାମରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ଜିଲା କୃଷି ଅଧିକାରୀ ସୁରେନ୍ଦ୍ର ନାଥ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ ମେହେର ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଧାୟକ ମେହେର ସରକାରୀ ସ୍ତରରେ କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ଉପରେ ଜ୍ଞାନ ଲାଭ ପାଇଁ ବିଭଗୀୟ ପରାମର୍ଶ ନେବାପାଇଁ ଚାଷୀ ମାନଙ୍କୁ ଅନୁରୋଧ କରିଥିଲେ । ବରିଷ୍ଠ ବୈଜ୍ଞାନିକ ଡାକ୍ତର ସତ୍ୟମୟ ଶତପଥୀ ଯୋଗଦେଇ ଚାଷ କରିବା ପୂର୍ବରୁ ମାଟି ପରୀକ୍ଷା ସହ ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ଟିନା କୁମ୍ଭାର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ସମିତି ସଭ୍ୟ ପ୍ରଦୀପ ଠାକୁର, ସରମୁହାଣ ସରପଞ୍ଚ ନିରମା ନାଗ, ଭରୁଆପାଲି ସମିତି ସଭ୍ୟ ପୁରନ୍ଦର ବାଗ, ପ୍ରାଣୀ ଚିକିତ୍ସା ଅଧିକାରୀ ଆନନ୍ଦ କୁମାର ସେଠ ଉପସ୍ଥିତ ଥିଲେ। ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକରୀ ଅମିତ କୁମାର ଆଚାର୍ଯ୍ୟ, ବ୍ଲକ କୃଷି ଅଧିକାରୀ ଅଙ୍କିତା ମହାପାତ୍ର, ଯଶୋବନ୍ତ ସାହୁ, ଡମ୍ବରୁଧର ମେହେର କୃଷି ଓ କୃଷକଙ୍କ ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ୧୩ଜଣ ଚାଷୀଙ୍କୁ କୃଷି ବିଭାଗ ତରଫରୁ ବିଧାୟକ ମେହେର ମୃତ୍ତିକା କାର୍ଡ ପ୍ରଦାନ କରିଥିଲେ ।

## ସାହାଣୀ ରଥରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶ




**ବଲାଙ୍ଗୀର ଅଫିସ, ୧୦।୭**

ବଲାଙ୍ଗୀର ସାହାଣୀ ରଥରେ ଶ୍ରୀ ଜଗନ୍ନାଥଙ୍କ ସୁନାବେଶକୁ ସହସ୍ରାଧିକ ଶ୍ରଦ୍ଧାଳୁ ରବିବାର ଦର୍ଶନ କରିଛନ୍ତି। ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ରାସ୍ତାରେ ପ୍ରବଳ ଜନସମାଗମ ହୋଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ଦର୍ଶନ, ପ୍ରାର୍ଥନା କରିଥିଲେ। ସୁରଞ୍ଜିତ ସାହାଣୀଙ୍କ ନେତୃତ୍ୱରେ ସୁନାବେଶ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ମହିଳା କର୍ମଚାରୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ଲାଞ୍ଜିଗଡ଼,୧୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ମୀନକେତନ ବିଭାରଙ୍କୁ ଲାଞ୍ଜିଗଡ଼ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ପୋଲିସ ସୂଚନାନୁସାରେ ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ଛତ୍ରପୁର ଗାଁର ମୀନକେତନ ଲାଞ୍ଜିଗଡ଼ ବେଦାନ୍ତରେ ଜଣେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ସମ୍ପୃକ୍ତା ମହିଳା ମଧ ସେହି କମ୍ପାନୀରେ କାମ କରନ୍ତି। ମହିଳାଙ୍କୁ ମୀନକେତନ ଦୀର୍ଘ ଦିନ ହେଲା ପ୍ରେମ ନିବେଦନ କରିଆସୁଥିଲେ। କିନ୍ତୁ ମହିଳା ରାଜି ନ ହେବାରୁ ଛତ୍ରପୁର ଏୟାରଷ୍ଟ୍ରିପ ନିକଟରେ ଗତ ୬ତାରିଖ ରାତିରେ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ମହିଳା ଜଣକ ଖସି ପଳାଇ ଆସି ଲୋକଲଜ୍ଜାରେ ଚୁପ ରହିଥିଲେ। ମହିଳାଙ୍କ ନିରବତା ଯୋଗୁ ମୀନକେତନ ସାହସ ପାଇ ଶୁକ୍ରବାର ରାତିରେ ପୁଣିଥରେ ତାଙ୍କ ଶାଢୀ ଟଣାଓଟରା କରିବା ସହିତ ବଳାତ୍କାର ଉଦ୍ୟମ କରିଥିଲେ। ଏଥର ମଧ ମହିଳା ଜଣକ କୌଣସି ମତେ ଖସିଯାଇଥିଲେ। ଏ ନେଇ ପରିବାର ଲୋକଙ୍କୁ ଜଣାଇ ପରେ ଲାଞ୍ଜିଗଡ ଥାନାରେ ଏତଲା ଦାୟର କରିଥିଲେ। ଲାଞ୍ଜିଗଡ ପୋଲିସ ଘଟଣାର ତଦନ୍ତ କରି ମୀନକେତନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଲାଞ୍ଜିଗଡ ଥାନାରେ ଏକ ମାମଲା (ନଂ. ୩୯/୨୦୨୨) ରୁଜୁ ହୋଇଛି।

### ଉତ୍କେଲା ବିମାନ ବନ୍ଦରରେ ଫାୟାର ଫାଇଟିଂ ଭ୍ୟାନ୍

**ଭବାନୀପାଟଣା,୧୦।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଉତ୍କେଲାଠାରେ ଥିବା ବିମାନ ବନ୍ଦରକୁ ରବିବାର ଫାୟାର ଫାଇଟିଂ ଭ୍ୟାନ୍ ପହଞ୍ଚିଛି। ଏହି ଭ୍ୟାନ୍ ବିମାନ ବନ୍ଦରରେ ରହିବା ସହ ବିମାନକୁ ନିଆଁ ଦାଉରୁ ରକ୍ଷା କରିବାରେ ବେଶ ସହାୟକ ହେବ। ସେହିପରି ଏହି ଭ୍ୟାନରେ ଅନେକ ଗୋଡିଏ ତମେଟିମ ସିଷ୍ଟମ ରହିଥିବା ବେଳେ ଏହା ବିମାନ ଲ୍ୟାଣ୍ଡିଂ ସମୟର ଦୁର୍ଘଟଣାକୁ ଏଡାଇବାରେ ମଧ ସହାୟକ ହେବ ବୋଲି ବିମାନ ବନ୍ଦର ଚାର୍ଜରେ ଥିବା ଜିଲା ପୂର୍ତ୍ତ ବିଭାଗ ଅଧିକାରୀ ଅଜିତ ବାବୁ ସୂଚନା ଦେଇଛନ୍ତି।

### ଛେଲିଆପାଟ ହାଇସ୍କୁଲରେ ବନ ମହୋତ୍ସବ



ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ର।

**ଲୋଇସିଂହା,୧୦।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଛେଲିଆପାଟ ହାଇସ୍କୁଲରେ ପ୍ରଧାନଶିକ୍ଷକ ଦିଲୀପ ପାଠୀଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷା ନିରୂପମା ପଧାନ, ରେଞ୍ଜ ଅଫିସର ପାଉଲ ହରପାଲ ଈସମ୍ମାନୀତ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସଭାକାର୍ଯ୍ୟକୁ ଇକୋକ୍ଲବ ଇନଚାର୍ଜ ଆନନ୍ଦ ସାହୁ ପରିଚାଳନା କରିଥିଲେ । ସ୍କୁଲ ପରିସରରେ ଫରେଷ୍ଟର ସୁନୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ୩ ଶହ ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ ଗ୍ରେଡ ପାଇଥିବା ବିଦ୍ୟାଳୟର ଚାତ୍ରୀ ଅର୍ଚ୍ଚନା ପଧାନ, ଛାତ୍ର ବିରାଜ ସାହୁ ଓ ଆଦିତ୍ୟ ନାରାୟଣ ସାହୁଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ବହୁଭାଷୀ କବିତା ପାଠୋତ୍ସବ, ଆଲୋଚନାଚକ୍ର



କବିତା ପାଠୋତ୍ସବରେ ପ୍ରଶଂସାପତ୍ର ପ୍ରଦାନ କରାଯାଉଛି।

**ଲୋଇସିଂହା,୧୦।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲ ମାନସ ବିହାରଠାରେ ସପ୍ତାହିକ ପ୍ରତିକା ପ୍ରେରଣା ତରଫରୁ ବହୁଭାଷୀ କବିତା ପାଠୋତ୍ସବ ଓ ସାରସ୍ୱତ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଯାଇଛି। ଏଥିରେ ପରିଚାଳକ ରଘୁନନ୍ଦନ ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗାଳ୍ପିକ ମଳୟ ମିଶ୍ର ଯୋଗଦେଇ ପ୍ରତ୍ୟେକ ନିଜ ଭିତରେ ରହିଥିବା କବିତ୍ୱକୁ ଜାଗ୍ରତ କରିବା ଆବଶ୍ୟକ ବୋଲି କହିଥିଲେ। କବୟିତ୍ରୀ ସବିତା ମହରାଙ୍କ ସଂଯୋଜନାରେ ଅନୁଷ୍ଠିତ କବୋତା ପାଠୋତ୍ସବରେ ମହେନ୍ଦ୍ର ପଟେଲ, ଗଜିନ୍ଦ୍ର ଦଣ୍ଡସେନା, ରାମଚନ୍ଦ୍ର ପଟେଲ, ସୁଦାମଚରଣ ବଘାର, କୌସ୍ତୁଭ ଜାଲ, ଅନାଦି ସେଠ, ସତ୍ୟନାରାୟଣ ପାଣିଗ୍ରାହୀ, ସନାତନ ମିଶ୍ର, ଫକିର ଭୋଇ ଓ ତପସ୍ୱିନୀ ପଶାୟତ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତଙ୍କୁ ପ୍ରେରଣା ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ।

### ସାମ୍ବାଦିକ ସଂଘ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୧୦।୭**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ପ୍ରତିଷ୍ଠା ଦିବସ ଏବଂ ନୂତନ କର୍ମକର୍ତ୍ତା ଚୟନ ସମ୍ପର୍କିତ ଆଲୋଚନା ହୋଇଥିଲା। ଆସନ୍ତା ଅଗଷ୍ଟ ୩୦ ତାରିଖ ସଂଘ ପ୍ରତିଷ୍ଠା ଦିବସ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୨୧ରେ ସଂଘ ନିର୍ବାଚନ କରିବାକୁ ସ୍ଥିରୀକୃତ ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଶିକ୍ଷାନୁଷ୍ଠାନ ପରିସରକୁ ଗଣମାଧମ ପ୍ରତିନିଧିଙ୍କ ପ୍ରବେଶ ଉପରେ ରୋକ ଲଗାଯିବା ଭଳି ସରକାରଙ୍କ ନିଷ୍ପତ୍ତିକୁ ବୈଠକରେ ନିନ୍ଦା କରାଯାଇଥିଲା। ବୈଠକରେ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ମିଶ୍ର, ମାନସ ରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ବଳରାମ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, ଦିପକ ସମାଦ୍ଦାର, ବଂଶୀଧର ସେଠ, କୋଷାଧକ୍ଷ ସୁନିଲ କୁମାର ମହାନ୍ତି, ଉପଦେଷ୍ଟା ମଣ୍ଡଳୀ ନବୀନ ପଶାୟତ, ସୁବାସ ଚନ୍ଦ୍ର ପଣ୍ଡା, ସୋମନାଥ ଆଚାର୍ଯ୍ୟ, ସୁଧୀର ଚନ୍ଦ୍ର ପଣ୍ଡା, ଶିଶିରକାନ୍ତ ଶତପଥୀ, ଗୋପବନ୍ଧୁ ଶତପଥୀ, ଦିଲୀପ ପୁରୋହିତ, କାର୍ଯ୍ୟକାରୀ କମିଟି ସଦସ୍ୟ ସତ୍ୟସୁନ୍ଦର ଭଞ୍ଜ, ଶିବପ୍ରସାଦ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

# ମେଗାଲିଫ୍ଟ କେନାଲରୁ ଖରିଫ ଚାଷ ପାଇଁ ଜଳସେଚନ

**କୋକସରା,୧୦।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମୁଖୀଗୁଡାସ୍ଥିତ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ମେଗାଲିଫ୍ଟ କେନାଲରୁ ଚଳିତ ଖରିଫ ଚାଷ ୨୦୨୨-୨୩ ପାଇଁ ପ୍ରଥମ ପର୍ଯ୍ୟାୟରେ ରବିବାର ମଙ୍ଗଳପୁର ବ୍ୟାରେଜରୁ ଜଳ ନିଷ୍କାସନ ଆରମ୍ଭ ହୋଇଛି। ଖରିଫ ଧାନ ଚାଷ ପାଇଁ ମେଗାଲିଫ୍ଟ କେନାଲର ମଙ୍ଗଳପୁର ବ୍ୟାରେଜରୁ ଜୟପାଟଣା, କୋକସରା, ଧର୍ମଗଡ ଓ ଜୁନାଗଡ଼ ବ୍ଲକର ୨୫ ହଜାର ୨୭୫ ହେକ୍ଟର ଚାଷଜମି ପାଇଁ ଜଳ ନିଷ୍କାସନ ଆରମ୍ଭ କରାଯାଇଛି। ଏହି ଅବସରରେ ଉପର ଇନ୍ଦ୍ରାବତୀ ଡ୍ୟାମ ନିର୍ବାହୀ ଯନ୍ତ୍ରୀ ଲିଫ୍ଟ କେନାଲ ଜଳସେଚନ କୁସୁମଖୁଣ୍ଟି ଇଂ. ଅକ୍ଷୟ କୁମାର ଭୋଇ, ଉପଖଣ୍ଡ ଇନ୍ଦ୍ରାବତୀ ଅଧିକାରୀ ଲିଫ୍ଟ କେନାଲ ମଙ୍ଗଳପୁର ଇଂ. ରାଜେଶ କୁମାର ପାତ୍ର, ଉପଖଣ୍ଡ ଅଧିକାରୀ ଲଦୁଗାଁ ଲିଫ୍ଟ ହେଡ ଚିଙ୍କୁରାଜ ପ୍ରଧାନ, ସହକାରୀ ଯନ୍ତ୍ରୀ ମିନିକେତନ ରଥ, ପ୍ରକଳ୍ପ ନିର୍ଦ୍ଦେଶକ ଇଂ. ରଘୁପତି, ଏଲଏଣ୍ଡଟି, ଇଂ. ସୌମେନ୍ଦ୍ର ବେହେରା ମରାମତି ଇନଚାର୍ଜ ଅଧିକାରୀ ଏଲଏଣ୍ଡଟି ଉପସ୍ଥିତ ରହିଥିଲେ। ମେଗାଲିଫ୍ଟ କେନାଲରେ ଜଳସେଚନ ଦ୍ୱାରା ଜୟପାଟଣା ବ୍ଲକର ୭୬୬୮.୨ ହେକ୍ଟର, କୋକସରା ବ୍ଲକ ର ୧୧୩୦୧.୭୧ ହେକ୍ଟର, ଧର୍ମଗଡ ବ୍ଲକର ୬୨୮୪.୮୩ ହେକ୍ଟର, ଜୁନାଗଡ଼ ବ୍ଲକର ୧୯.୯୩ ହେକ୍ଟର ମୋଟ ୨୫ ହଜାର ୨୭୫ ହେକ୍ଟର ପାଇଁ ରବିବାରଠୁ ମେଗାଲିଫ୍ଟରୁ କେନାଲ ଦେଇ ଖରିଫ ଚାଷ ପାଇଁ ଜଳସେଚନ ନିଷ୍କାସନ କରାଯାଇଛି। ମଙ୍ଗଳପୁର ବ୍ୟାରେଜରେ ପୂର୍ବାହ୍ନ ସାଢ଼େ ୧୧ଟାରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଗେଟ ଖୋଲା ଯାଇଥିଲା। ଏ ନେଇ ଏଲଏଣ୍ଡଟି କମ୍ପାନୀ କୁସୁମଖୁଣ୍ଟି ମେଗାଲିଫ୍ଟ କେନାଲ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ଭୋଇ ସୂଚନା ଦେଇଛନ୍ତି।

# ବଜାର ଚାହିଦା ଅନୁଯାୟୀ ଚାଷକୁ ଗୁରୁତ୍ୱ

**ମୁରିବାହାଲ,୧୦।୭ (ଡି.ଏନ.ଏ.)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାର କୃଷକ ମେଳା

■ତାଲିମ ନେଲେ ୧୦୦ ଚାଷୀ

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ପଞ୍ଚାୟତର କୃଷକ ଆଦର୍ଶ ଗ୍ରାମ ଟିକ୍ରାପଡାରେ ରବିବାର କୃଷି ବିଭାଗ ତରଫରୁ ଏକଦିବସୀୟ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନାର କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୃତ୍ତିକା ଆଦର୍ଶ ଗ୍ରାମର ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବିଏଓ ସୁଧାକର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷକ ମେଳାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ଆଧୁନିକ ପଦ୍ଧତି ଓ ବଜାର ଚାହିଦା ଅନୁସାରେ ଚାଷ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଆତିଥି ଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ, ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସରପଞ୍ଚ ହେମରାଜ ବେହେରା, ଏଏଓ ଅମୃତ ଲୁଗୁନ, ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସତ୍ୟମୟ ଶତପଥୀ, ମୃତ୍ତିକା କେମିଷ୍ଟ ବିଦ୍ୟାଧର ସାହୁ ଉପସ୍ଥିତ ରହି କୃଷକର ବିକାଶରେ ସମାଜର ବିକାଶ ବୋଲି କହିଥିଲେ। ସେହିପରି ଉକ୍ତ ଆଦର୍ଶ କୃଷକ ଗ୍ରାମର ୧୦୦ଜଣ ଚାଷୀଙ୍କୁ ଏଡିଓ ଟିଟିଲାଗଡ଼ ଲାଲବିହାରି ମଲ୍ଲିକ, ଏଏଚଓ ସୁଶୀଲ କୁମାର ମାଝି, ପ୍ରାଣୀ ସମ୍ପଦ ବିଭାଗର ସନ୍ଦୀପ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ମାଟିର ସୁରକ୍ଷା, ମାଟିକୁ ୩ବର୍ଷରେ ଏକଥର ପରୀକ୍ଷା, ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା, ମାଟିର ଚାହିଦା ଅନୁସାରେ ଚାଷ ପ୍ରତି ଗୁରୁତ୍ୱ ଦେବା ଉପରେ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ମାଟି ସ୍ୱାସ୍ଥ୍ୟକାର୍ଡ ନିରଞ୍ଜନ ନାଗ, ଧ୍ରମନ ନାଗ, ଓ ବଛା ନାଗଙ୍କୁ ବଣ୍ଟନ କରାଯାଇଥିଲା। କୃଷକ ମେଳକୁ ସଫଳ କରିବାରେ କୃଷି କର୍ମଚାରୀ ସଞ୍ଜୟ ମହାକୁର, ଅଜୟ କୁମାର ରଥ, ସୁଜିତ କୁମାର ଦଳାଇ, କୃଷକ ସାଥୀ କିଶୋର ବେହେରା, ସବ୍ୟସାଚୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନଦୀରେ ମାଛ ଧରୁଥିବାବେଳେ ବୁଡ଼ି ଯୁବକ ମୃତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ନାଚନିପଦର ଗ୍ରାମରେ ଜଣେ ଯୁବକ ମହାନଦୀରେ ମାଛ ମାରିବାକୁ ଯାଇ ପାଣିରେ ବୁଡ଼ି ଯିବାରେ ମୃତ୍ୟୁ ଘଟିଛି। ସେ ହେଲେ ରବି ନାଏକ। ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ତାଙ୍କର ନିଜ ଗ୍ରାମ ଭୁଦୋବରର ଝରାପଡ଼ା। ସେ ପ୍ରାୟ ଏକ ବର୍ଷ ହେବ ତାଙ୍କ ମାମୁ ଘର ନାଚନିପଦରଠାରେ ରହୁଥିଲେ।

## ସଂକ୍ଷେପରେ

### ପାକ୍ସ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବରପାଲି, ୧୦।୭(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଲିଃର ସଭାପତି ପଦବୀ ପାଇଁ ରବିବାର ନାମାଙ୍କନପତ୍ର ଦାଖଲ କରାଯାଇଥିଲା। ଏଥିପାଇଁ ବିରୋସନ ସାହୁ ନାମାଙ୍କନପତ୍ର ଦାଖଲ କରିଥିଲେ। ତେବେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ କେଶବ ଗମାଙ୍ଗ ବିରୋସନ ସାହୁଙ୍କୁ ନିର୍ଦ୍ୱନ୍ଦ୍ୱରେ ସଭାପତି ଘୋଷଣା କରିଥିଲେ। ସେକ୍ରେଟାରୀ ଇନଚାର୍ଜ ଗୋବର୍ଦ୍ଧନ ଭୋଇ, ସେକ୍ରେଟାରୀ ସୁମିତ ପଧାନ, ମୋହନ ବୁଡେକ ଏବଂ ସମସ୍ତ କର୍ମଚାରୀ ନବ ନିବାଚିତ ସଭାପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

### ରକ୍ତଦାନ ଶିବିର, ୪୫ ୟୁନିଟ୍ ସଂଗ୍ରହ

ଜାମଟିକ୍ରା,୧୦।୭(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଗୋଡଭଗା ଗୋଲକନଗରଠାରେ ରବିବାର ଅତାବିରା ସତ୍ୟସାଇ ସେବା ସଙ୍ଗଠନ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ସମୁଦାୟ ୪୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବରଗଡ ରକ୍ତ ସଂଗ୍ରହକାରୀ ଦଳର ଟେକ୍ନିସିଆନ ସବିତା ନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକ୍ଷ୍ମଣ ବଗର୍ତ୍ତୀ ଓ ଅମରଜିତ ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନାଗରିକ କମିଟି ସଭାପତି ହାରାଧନ ବାରିକ, ଜହ୍ନାପଡା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଡାକ୍ତର ପ୍ରଶାନ୍ତ ପଣ୍ଡା, ଲାୟନ୍ସ କ୍ଲବ ସଭାପତି ସତୀଶ ଦାସ, ବଜରଙ୍ଗ ଦଳ ସଭାପତି ପ୍ରଶାନ୍ତ ଭୋଇ,ଦେବବ୍ରତ ରଥ ଓ ସତ୍ୟସାଇ ସେବା ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଜାମଟିକ୍ରା,୧୦।୭(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଲାଦରପାଲି ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲରେ ରବିବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍କୁଲର ଅଧକ୍ଷ ଟିକେଲାଲ ଚାନ୍ଦ, ସ୍କୁଲ ପରିଚାଳନା କମିଟି ସଭାପତି ଶେଷଦେବ ନାୟକ, ସମ୍ପାଦକ କୃଷ୍ଣଚନ୍ଦ୍ର ପଧାନ, କୋଷାଧକ୍ଷ ଜୟପ୍ରକାଶ ଅଗ୍ରୱାଲ, ଶିକ୍ଷକ ସରୋଜ କୁମାର ରଥ, ଜତୀନ୍ଦ୍ର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିବା ଛାତ୍ର ଦେବାଶିଷ ବେହେରା ଓ ଏ୧ ଗ୍ରେଡ୍‌ରେ ପାସ୍ କରିଥିବା ସୌମ୍ୟଶେଖର ମହାପାତ୍ର, ପ୍ରଜ୍ଞାଶ୍ରୀ ଅଦାବର, ମନୀଷ ସାହୁ, ଋତୁପର୍ଣ୍ଣା ପଣ୍ଡା, ହେମକାନ୍ତ ଗଡତିଆ, ଶ୍ରୀୟା ମନସ୍ୱିନୀ ମିଶ୍ର, ସଗନ ପଣ୍ଡା, ଆକାଂକ୍ଷା ପଣ୍ଡା, ଅମିତ ଭୋଇ, ଶ୍ରୀକାନ୍ତ କୁମାର ପଧାନ, ସନିଆ ଦେବତା, ରଶ୍ମିତା ସାହୁ ପ୍ରମୁଖଙ୍କୁ ସ୍କୁଲ ତରଫରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍କୁଲରେ ସମୁଦାୟ ୭୮ଜଣ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପିଲା ପାସ୍ କରିଛନ୍ତି। ସେମାନଙ୍କ ମଧରେ ଏ୧ରେ ୧୩, ଏ୨ରେ ୩୪ ଜଣ, ବି୧ରେ ୨୮, ବି୨ରେ ୨ ଓ ସି୧ରେ ଜଣେ ରହିଛନ୍ତି ।

### କୁବେର ମହାସଭା କାର୍ଯ୍ୟକାରିଣୀ ବୈଠକ

ପାଇକମାଲ,୧୦।୭(ଡି.ଏନ.ଏ.): କୁବେର ମହାସଭା ପଶ୍ଚିମାଞ୍ଚଳ ଓଡିଶା ଓ ଛତିଶଗଡ଼ର କାର୍ଯ୍ୟକାରିଣୀ ବୈଠକ ଏବଂ ଯୁବାମଞ୍ଚ କର୍ମକର୍ତ୍ତା ସମ୍ମିଳନୀ ନୃସିଂହନାଥ ଆୟୋସିଏଲ ଅତିଥି ଭବନ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁବେର ସମାଜ ସଭାପତି ଲକ୍ଷ୍ମଣ ସାହୁ ଅଧକ୍ଷତା କରିଥିଲେ। ପ୍ରଫୁଲ ସାହୁ ଅତିଥି ପରିଚୟ ଓ ସୁବ୍ରତ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଲରିଥିଲେ। ସମ୍ପାଦକ ରମେଶ ସାହୁ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଉପସଭାପତି ଗଜେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ନିତ୍ୟାନନ୍ଦ ସାହୁ, ପୂର୍ବତନ ସଭାପତି ଭରତ ଚନ୍ଦ୍ର ପୃଷ୍ଟି, ଉପଦେଷ୍ଟା ବସନ୍ତ ଖୁଣ୍ଟିଆ, ବରଗଡ ଜୋନ ସଭାପତି ତାରାଚାନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ନୃସିଂହନାଥ ପରିସରରେ ଭବନ ନିମାଣ ପାଇଁ ବୈଠକରେ ଆଲୋଚନ ହୋଇଥିଲା। ଏଥିପାଇଁ ମହାସଭା ସଭାପତିଙ୍କ ସମେତ ଘାସିରାମ ସାହୁ, ମହେନ୍ଦ୍ର ଖୁଣ୍ଟିଆ, ଆଶୁତୋଷ ସାହୁ, କୈଳାସ ସାହୁ, ମୁନୁ ସାହୁ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାମ ସରିବା ପୂର୍ବରୁ ମିଳିଛି ଟଙ୍କା

**ବିନିକା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିଚିତ୍ର ଚିତ୍ର**

ବିନିକା, ୧୦।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏକ ବିଚିତ୍ର ସ୍ଥିତି ଦେଇ ଗତି କରୁଛି। କାର୍ଯ୍ୟାଦେଶ ପାଇ ଅନେକେ କାମ ସାରିଥିଲେ ହେଁ ମାସ ମାସ ଧରି ପ୍ରକଳ୍ପ ବାବଦ କିସ୍ତି ଟଙ୍କା ପାଇ ପାରୁ ନାହାନ୍ତି। ଅନ୍ୟପକ୍ଷେ କାମ ସାରି ନ ଥିଲେ ବି କେତେକ ହିତାଧିକାରୀଙ୍କ ବ୍ୟାଙ୍କ ପାସ୍‌ବୁକ୍‌ରେ ଅର୍ଥରାଶି ଜମା ହୋଇଛି। ବ୍ଲକ ଅଧୀନ ଭଣ୍ଡାର ପଞ୍ଚାୟତର ପାପୀ ଗାଁରେ ଏହିପରି ଘଟଣା ଘଟିଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ପାପୀ ଗାଁର ଦ୍ୱାରୁ ପାତ୍ର ଆବାସ ଯୋଜନାର ଅର୍ଥରାଶି ପ୍ରଦାନରେ ଅନିୟମିତତା ହେଉଥିବା ନେଇ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ଏଥିରୁ ପାପୀ ଗାଁର ୩ଜଣ ହିତାଧିକାରୀଙ୍କ ସମ୍ପର୍କରେ ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ ଅନିୟମିତତାର ରହସ୍ୟ ଉନ୍ମୋଚିତ କରିଛି।

ପାପୀ ଗ୍ରାମର ଜଣେ ୮୧ବର୍ଷୀୟା ବୃଦ୍ଧାଙ୍କ ନାମରେ ୨୦୧୬-୧୭ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଥିଲା। ଛାତ ନପକାଇ ଆଜବେଷ୍ଟସ ଚାଦର ପକାଇଛନ୍ତି। ଫିନିସିଂ କାମ କରି ନାହାନ୍ତି। ହେଲେ ତିନିଟି କିସ୍ତିରେ ୧ଲକ୍ଷ ଟଙ୍କା ତାଙ୍କ ବ୍ୟାଙ୍କ ପାସ୍‌ବୁକରେ ଜମା ହୋଇଥିବା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ସୂତ୍ରରୁ ଜଣାପଡିଛି।

ଗାଁର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷରେ ଆବାସ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ମିଳିଥିଲା। ସେ କେବଳ ପ୍ଲିନ୍ଥ ପର୍ଯ୍ୟନ୍ତ କାମ କରିଛନ୍ତି। ହେଲେ ସମୁଦାୟ ୪କିସ୍ତି ବାବଦ ୧ଲକ୍ଷ ୩୦ହଜାର ଟଙ୍କା ତାଙ୍କ ବ୍ୟାଙ୍କ ପାସ୍‌ବୁକରେ ଜମା ହୋଇସାରିଛି। ସମ୍ପୃକ୍ତ ବ୍ୟକ୍ତି ପାଇଥିବା ଆବାସ ଯୋଜନା ଅନଲାଇନ୍ ପ୍ରୋଫାଇଲରେ ସଂଯୁକ୍ତ ଥିବା ଫଟୋରେ ତାଙ୍କୁ ଅନ୍ୟ କାହା ପକ୍କାଘର ଆଗରେ ଠିଆ କରାଯାଇଛି। ହେଲେ ନାତିର ଅସୁସ୍ଥତା ଯୋଗୁ ଗୃହ ନିର୍ମାଣ କରିପାରି ନାହାନ୍ତି ବୋଲି ହିତାଧିକାରୀ କହୁଥିବାବେଳେ ଅର୍ଥରାଶି କିପରି ଜମା ହେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗାଁର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପାଇଥିବା ଅନ୍ୟ ଜଣେ କାମ ସାରି ନ ଥିଲେ ହେଁ ସମୁଦାୟ ଚାରି କିସ୍ତି ବାବଦ ୧ଲକ୍ଷ ୩୦ହଜାର ଟଙ୍କା ପାଇ ସାରିଛନ୍ତି। ନିୟମ ମୁତାବକ ଆବାସ ହିତାଧିକାରୀଙ୍କୁ ପ୍ରଥମ କିସ୍ତିରାଶି ୨୦ହଜାର ଟଙ୍କା ପ୍ଲିନ୍ଥ କାମ ଆରମ୍ଭ କରିବା ପାଇଁ, ଦ୍ୱିତୀୟ କିସ୍ତି ୩୫ହଜାର ଟଙ୍କା ପ୍ଲିନ୍ଥକାମ ସାରିଲା ପରେ, ତୃତୀୟ କିସ୍ତି ୪୫ହଜାର ଟଙ୍କା ସେଣ୍ଟ୍ରିଙ୍ଗ ପାଇଁ ମିଳିଥାଏ। ଛାତ ପଡିବା ପରେ ଫିନିସଙ୍ଗ ୱାର୍କ ଆଦି ପାଇଁ ଶେଷକିସ୍ତି ୩୦ହଜାର ଟଙ୍କା ଦିଆଯାଏ । ଘର ନିର୍ମାଣର ପ୍ରତିସ୍ତରକୁ ସ୍ତର ଜିଓଟେକ୍ ହୁଏ ଓ କିସ୍ତି ଅର୍ଥରାଶି ପ୍ରଦାନ ନିମନ୍ତେ ଫଟୋ ନିଆଯାଏ। ମାତ୍ର ପାପୀ ଗ୍ରାମରେ ଏହି ନିୟମର ଘୋର ଉଲ୍ଲଂଘନ କରାଯାଇଛି। ଏ ନେଇ ଗତ ଏପ୍ରିଲ ୧୮ରେ ବିନିକାରେ ଆୟୋଜିତ ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏହି ପ୍ରସଙ୍ଗ ଉଠିଥିଲା। ଏହାର ତଦନ୍ତ ପାଇଁ ଗତ ୪ତାରିଖରେ ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଆଲୋକ ମିଶ୍ର ପାପୀ ଗାଁକୁ ଆସି ରିପୋର୍ଟ ସଂଗ୍ରହ କରିଥିଲେ। ସଂଗୃହୀତ ରିପୋର୍ଟ ସେ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।

# ପିଲାଙ୍କ ଭବିଷ୍ୟତ ଗଠନ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ



ଶିକ୍ଷକ-ଅଭିଭାବକ ସମ୍ମିଳନୀରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଉଛି।

**କୁଞ୍ଜାପାଲି ଆଶ୍ରମ ସ୍କୁଲରେ ଶିକ୍ଷକ, ଅଭିଭାବକ ସମ୍ମିଳନୀ**

ଅମରପାଲି,୧୦।୭(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମ ସ୍କୁଲରେ ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ଅଧିକାଂଶ ଛାତ୍ରୀଛାତ୍ର ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ହୋଇଥିବାରୁ ଅଭିଭାବକଙ୍କୁ ସଚେତନ କରାଇ ତାଙ୍କ ପିଲାଙ୍କୁ ଶିକ୍ଷାଦାନରୁ ବିରତି ନ କରିବା ପାଇଁ ପରାମର୍ଶ ଦିଆଯାଇ ଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ। ତେଣୁ ଶିକ୍ଷାକୁ ସାର୍ବଜାନିନ କରିବା, ବାଲ୍ୟବିବାହ ଦୂରୀକରଣ, ଛାତ୍ରୀଛାତ୍ରଙ୍କ ପାଠପଢା ଉପରେ ଧ୍ୟାନଦେବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଙ୍କ ଦାୟିତ୍ୱ ବୋଲି ମତ ପ୍ରକାଶ ପାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ପଧାନ, ସ୍ୱେଚ୍ଛାସେବୀ ବୃନ୍ଦାବନ ଜଗଦଲା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ନିରାପତ୍ତାରେ ମାତାପିତା, ଅଭିଭାବକ ଓ ଶିକ୍ଷକଙ୍କ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ।



ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ସୁନା ଓ ଫୁଲ ବେଶରେ ଦର୍ଶନ ଦେଉଛନ୍ତି।

# ବିପୁଳ ପରିମାଣର ବିଦେଶୀ ମଦ ଜବତ

- ଟ୍ରକ୍ ବୋଝେଇ ମଦ ଲୁଟି ନେଇଥିଲେ ଦୁର୍ବୃତ୍ତ
- ସୂଚନା ଆଧାରରେ ରେଢ଼ାଖୋଲ ପୋଲିସ ଚଢ଼ାଉ କରିଥିଲା

ବିନିକା,୧୦।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା-ରାମପୁର ରାସ୍ତାର ସାଲମାଟିକ୍ରା ଗାଁକୁ ଯାଇଥିବା ଏକ ପଡିଆରେ ଥିବା ଘରୁ ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ପୋଲିସ ରବିବାର ଅପରାହ୍ନରେ ବିପୁଳ ପରିମାଣର ଚୋରୀ ବିଦେଶୀ ମଦ ଜବତ କରିଛି। ଗତ ଜୁନ ୨୮ତାରିଖରେ ଟ୍ରକ୍ ନଂ-ଓ.ଆର୍-୦୫ଡବ୍ଲ୍ୟୁ-୭୭୭୯ରେ ନିମାପଡାରୁ ୯୫୦ ପେଟି ବିଦେଶୀ ମଦ ସମ୍ବଲପୁର ଯାଉଥିଲା। ୨୯ତାରିଖରେ ରେଢାଖୋଲ ନିକଟ ବାମପୋଲି ନାମକ ଏକ ସ୍ଥାନରେ ମଦ ବୋଝେଇ ଟ୍ରକର ଟାୟାର ଫାଟି ଯାଇଥିଲା। ପରେ ଟ୍ରକ ଡ୍ରାଇଭର ରେଢାଖୋଲରୁ ଟାୟାର ଆଣି ପୁନଶ୍ଚ ସମ୍ବଲପୁର ଅଭିମୁଖେ ଯାତ୍ରା କଲେ । ଟ୍ରକ ଚାରମାହାଲ ଥାନା ଅନ୍ତର୍ଗତ ମୋଚିବାହାଲରେ ୫୫ ରାଜପଥ ଉପରେ ଯାଉଥିବା ସମୟରେ ହଠାତ୍ ଏକ କାରରେ ଦୁର୍ବୃତ୍ତମାନେ ଆସି ଟ୍ରକକୁ ଲୁଟି ନେଲେ। ଟ୍ରକ ଡ୍ରାଇଭରକୁ ନିସୁକ ମାଡ ମାରି ତାଙ୍କ ମୁହଁକୁ କପଡା ଘୋଡାଇ ରେଢାଖୋଲ ଟିକ୍ରିବୁଦାଠାରେ ଛାଡି ଦେଇଥିଲେ । ହୋସ୍ ଆସିବା ପରେ ୩୦ ତାରିଖରେ ଡ୍ରାଇଭର ରଞ୍ଜନ ବାରିକ ଚାରମାଲ ଥାନାରେ ଅଭିଯୋଗ କରିଥିଲେ। ଡକାୟତି ନେଇ ଚାରମାଲ ଥାନାରେ ଏକ ମାମଲା ରୁଜୁ ହୋଇସାରିଛି। ସୂଚନା ଆଧାରରେ ରବିବାର ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ଓ ପୋଲିସ ବଳ ସହ ସାଲାମାଟିକ୍ରାରେ ଚଡାଉ କରିଥିଲେ।

# ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି

ବୌଦ୍ଧ,୧୦।୭(ସ୍ୱ.ପ୍ର.)

ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା'ଙ୍କ ଘରେ ନଅ ଦିନର ଲୀଳାଖେଳା ପରେ ଶନିବାର ଶ୍ରୀମନ୍ଦିରକୁ ବାହୁଡିଅଛନ୍ତି। ବାହୁଡା ପରଦିନ ଅର୍ଥାତ ରବିବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ବୌଦ୍ଧର ଜଗନ୍ନାଥ ମନ୍ଦିର ଆଗରେ ଅଭଙ୍ଗ ରଥରେ ସୁନାବେଶ ଓ ଫୁଲ ବେଶରେ ସଜ୍ଜିତ ହୋଇ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରଥ ଉପରେ ସେବାୟତମାନେ ସନ୍ଧ୍ୟା ସମୟରେ ଶ୍ରୀଜିଉମାନଙ୍କୁ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧାଇବା ସହ ଫୁଲରେ ସଜ୍ଜିତ କରିଥିଲେ। ରବିବାର ଅପରାହ୍ନରେ ବର୍ଷା ହୋଇଥିବାବେଳେ ସନ୍ଧ୍ୟାରେ ପାଗ ଅନୁକୂଳ ରହିଥିଲା। ସୁନା ବେଶ ଦେଖିବା ପାଇଁ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ରହିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭକ୍ତମାନେ ପ୍ରଭୂଙ୍କ ସୁନାବେଶ ରୂପ ଦର୍ଶନ କରିଥିଲେ। ଏହା ସହ ହରିଗୁଡି ଜଗନ୍ନାଥଙ୍କ ମଧ୍ୟ ସୁନାବେଶ ଓ ଫୁଲ ବେଶ ହେବା ସହ ଭକ୍ତମାନେ ଦର୍ଶନ କରିଥିଲେ। ବିଳମ୍ବିତ ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନିଳାଦ୍ରୀ ବିଜେ କରାଯାଇଥିଲା। ସୁନାବେଶ ଅବସରରେ ସଙ୍ଗୀତୟନୀ ପକ୍ଷରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ବାଉଁଶୁଣୀରେ ବାହୁଡ଼ାଯାତ୍ରା

ବାଉଁଶୁଣୀ, ୧୦।୭(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀରେ ରବିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୯ଦିନର ଲୀଳାଖେଳା ସାରି ଜନ୍ମବେଦୀରୁ ପୁଣିଥରେ ରତ୍ନବେଦୀକୁ ବାହୁଡିଛନ୍ତି ଶ୍ରୀଜିଉ। ରବିବାର ସକାଳୁ ତିନିମୂର୍ତ୍ତି ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ପୂଜକମାନେ ନୈବେଦ୍ୟ ଓ ଆଳତି ଅର୍ପଣ କରିଥିଲେ। ଲଛମନ ଅଗ୍ରୱାଲ ଛେରାପହଁରା କରିଥିଲେ। ଏହା ପରେ ତିନି ଠାକୁରଙ୍କୁ ସୁସଜ୍ଜିତ ରଥରେ ଆରୋହଣ କରାଯାଇଥିଲା। ଘଣ୍ଟଘଣ୍ଟାର ତାଳେତାଳେ ପହଣ୍ଡିରେ ଶ୍ରୀବିଗ୍ରହ ବଳଦେବ, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ବିଜେ କରିଛନ୍ତି। ସାଉଁଳିମୁଣ୍ଡା ଠାରେ ଥିବା ମାଉସୀ ମା ମନ୍ଦିରରୁ ଭକ୍ତମାନଙ୍କ ଦ୍ୱାରା ରଥଟଣା ଆରମ୍ଭ ହୋଇଥିଲା। ଏହି ବାହୁଡା ଯାତ୍ରାରେ ବାଉଁଶୁଣୀ ରାମଲୀଳା କମିଟିର ସମସ୍ତ କର୍ମକର୍ତ୍ତା ଓ ରଥଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ବହୁ ଲୋକଙ୍କ ସହଯୋଗ ରହିଥିଲା ବୋଲି ରଥଯାତ୍ରା କମିଟିର ସଭାପତି କହିଛନ୍ତି । ବାହୁଡ଼ା ଯାତ୍ରା ଅବସରରେ ସନ୍ଧ୍ୟା ସମୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ବହୁ ଦୋକାନ ବଜାର ମଧ ସମାଗମ ହୋଇଥିଲା।

# ବ୍ଲକ ସରପଞ୍ଚ ସଂଘ ବୈଠକ

ପାଇକମାଳ, ୧୦।୭(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ସରପଞ୍ଚ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ବରଡୁଣ୍ଡାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଆର୍ତ୍ତତ୍ରାଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସରପଞ୍ଚମାନଙ୍କ ଭୂମିକା, କାର୍ଯ୍ୟ, କ୍ଷମତା ଉପରେ ଆଲୋଚନା କରାଯାଇଥିଲା। ଭତ୍ତା ଅନ୍‌ଲାଇନ ମାଧ୍ୟମରେ ଆକାଉଣ୍ଟକୁ ଦିଆଯାଉଥିବାରୁ ଅନେକ ଲୋକଙ୍କ ଟଙ୍କା ଉଠାଣରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଉପଯୁକ୍ତ ହିତାଧିକାରୀଙ୍କୁ ବାସଗୃହ ଯୋଗାଇବା ଓ ନୂତନ ତାଲିକାଭୁକ୍ତ କରି ସାମିଲ କରିବା, ସରପଞ୍ଚମାନଙ୍କୁ ବିଧାୟକମାନଙ୍କ ପରି ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଥିଲା। ସେହିପରି ପଞ୍ଚାୟତ ସମିତିରେ ଲୋକପ୍ରତିନିଧିଙ୍କ କାର୍ଯ୍ୟଧାରାକୁ ଲୋକାଭିମୁଖୀ ନିମନ୍ତେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ବୈଠକରେ ସାମିଲ କରିବାକୁ ଦାବି କରାଯାଇଥିଲା। ସରପଞ୍ଚ ଉପେନ୍ଦ୍ର ପଟେଲ, ଚିତ୍ତରଞ୍ଜନ ପ୍ରଧାନ, ସୁଦାମ ଚରଣ ସେଠୀ, ରୀତା ସୁନା, ଅନିତା ଭୋଇ, ଚନ୍ଦ୍ରିକା ସାହୁ, ବବିତା ସାହୁ, ତୁଳାବତୀ ତାଣ୍ଡି, ସୁଭାସିନୀ ନନ୍ଦ, ଜୟନ୍ତ ସାହୁ, ଟେଭାବତୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଦିଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮ରୁ ପଦ୍ମପୁର ଉପଖଣ୍ଡ ବନ୍ଦ

ପଦ୍ମପୁର,୧୦।୭(ଡି.ଏନ.ଏ.)

ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ବୈଠକ ରବିବାର ଗୋରୁବଜାର ପ୍ରାଙ୍ଗଣରେ ସ୍ଥାୟୀ ସଭାପତି ବାଞ୍ଛାନିଧି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୧ ଖରିଫ ଋତୁରେ ମରୁଡି ସତ୍ତ୍ୱେ ବୀମା କମ୍ପାନୀ ଚାଷୀଙ୍କୁ କ୍ଷତିପୂରଣ ରାଶି ଦେଇନାହିଁ। ଏହି ଦାବି ନେଇ ଚାଷୀମାନେ ଆନ୍ଦୋଳନ କରିଥିଲେ ମଧ କମ୍ପାନୀ, ପ୍ରଶାସନ ଓ ସରକାର ନିରବଦ୍ରଷ୍ଟା ସାଜିଛନ୍ତି। ଏହାର ପ୍ରତିବାଦରେ ଜୁଲାଇ ୧୮ରୁ ପଦ୍ମପୁର ଉପଖଣ୍ଡର ସମସ୍ତ ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ସହ ରାଜରାସ୍ତା ଅବରୋଧ କରାଯିବ। ବୀମା କ୍ଷତିପୂରଣ ନ ପାଇବା ପର୍ଯ୍ୟନ୍ତ ପଦ୍ମପୁର ସବ୍‌ଡିଭିଜନକୁ ଅଚଳ କରାଯିବ। ଜିଲାପାଳଙ୍କ ଅଫିସ ଘେରାଉ ସହ ବରଗଡ଼ରେ ରେଳରୋକୋ କରିବାକୁ ସଙ୍ଗଠନ ନିଷ୍ପତ୍ତି ନେଇଛି। ଚାଷୀନେତା ରମେଶ ମହାପାତ୍ର, ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥି ଓ ଚିନ୍ମୟ ପଣ୍ଡା, କ୍ଷମାନିଧି ସାହୁ, ସରୋଜ ସାହୁ, ବିରେନ ପଧାନ, ଗଜପତି ସାହୁ, ବିଶ୍ୱନାଥ ରଣା, ରାହାସ ସାହୁ, ଦହିତ ସାହଙ୍କ ସମେତ ଶତାଧିକ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

# ସ୍କୁଲକୁ ଗଣମାଧମ ପ୍ରତିନିଧିଙ୍କୁ ବାରଣକୁ ନିନ୍ଦା

ସୋନପୁର,୧୦।୭(ନି.ପ୍ର.)

ସ୍କୁଲ ପରିସରକୁ ବିନା ଅନୁମତିରେ ଗଣମାଧମ ପ୍ରତିନିଧି ଯାଇପାରିବେ ନାହିଁ। ଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଚିଠି କରାଯିବା ପରେ ବିବାଦ ସୃଷ୍ଟି ହୋଇଛି। ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିଛି। ରାଜ୍ୟରେ ବିଦ୍ୟାଳୟ ଗୁଡିକୁ ରୂପାନ୍ତରଣ ନାମରେ ଦୁର୍ନୀତି ହୋଇଛି। ପୁରୁଣା କୋଠାରେ ରଙ୍ଗ ମରି ବିଲ୍ କରାଯାଇଛି। ବିନା ଟେଣ୍ଡରରେ କାମ ହେଉଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ର ସଂଘକୁ ଅବଗତ କରାଯାଉନି। ଏଭଳି ନିମ୍ନ ମାନର କାମ କିଭଳି ଧରା ନ ପଡିବ ସରକାର ସେଥିପାଇଁ ଚକ୍ରାନ୍ତ କରିଛନ୍ତି। ଗଣମାଧମର କଣ୍ଠରୋଧ ପାଇଁ ସରକାରଙ୍କ ଏତାଦୃଶ ନିଷ୍ପତ୍ତି ଗ୍ରହଣୀୟ ନୁହଁ ବୋଲି ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ କହିଛନ୍ତି। ରବିବାର ଭର୍ତ୍ତୁଆଲ ମୋଡରେ ସଂଘର ବୈଠକ ବସି ସରକାର ଏହି ଆଦେଶ ତୁରନ୍ତ ପ୍ରତ୍ୟାହର କରିବା ପାଇଁ ସଂଘ ପକ୍ଷରୁ ପ୍ରସ୍ତାବ ଗୃହୀତ ହୋଇଛି ।

# କଫ ସିରପ୍ ଜବତ, ଦମ୍ପତି ଗିରଫ

ବରଗଡ଼ ଅଫିସ୍,୧୦।୭

ବରଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ଶକ୍ତି ନଗରସ୍ଥିତ ଏକ ଭଡ଼ାଘରୁ ୨୩୨୫ ବୋତଲ କଫ ସିରପ୍ ଜବତ କରିଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି। ଅନ୍ୟତମ ଅଭିଯୁକ୍ତ ଉକ୍ତ ଦମ୍ପତିଙ୍କ ଝିଅ ଫେରାର ଥିବା ପୋଲିସ ସୂଚନା ଦେଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୩୯୧/୨୨) ରୁଜୁ ହୋଇଛି। ବରଗଡ଼ ଏସଡ଼ିପିଓ ଅଫିସରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ କହିଥିଲେ, ଗିରଫ ଅଭିଯୁକ୍ତମାନେ କଫ ସିରପ୍ କାରବାର କରୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଶନିବାର ପୋଲିସ ଟିମ୍ ଅଭିଯୁକ୍ତଙ୍କ ଭଡ଼ାଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୨୩୨୫ ବୋତଲ କଫ ସିରପ ସମେତ ସିଲ୍ ଖୋଲାଥିବା ୨୫ ବୋତଲ କଫ ସିରପ୍, ୮ଷ୍ଟ୍ରିପ୍ ନିଶା ବଟିକା, ୫ଲିଟର ଅପମିଶ୍ରିତ ତରଳ ପଦାର୍ଥ ଏବଂ ଗୋଟିଏ ମୋବାଇଲ ଜବତ ହୋଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଛି। ନିଶା କାରବାର ପ୍ରତି ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି ଏବଂ ଏଭଳି କାରବାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଡ଼ିପିଓ ଗୋଚ୍ଛାୟତ କହିଛନ୍ତି ।




ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା ସ୍କୁଲରେ ବୃକ୍ଷରୋପଣ।



ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ସ୍କୁଲରେ ବୃକ୍ଷରୋପଣ ନେଇ ସଚେତନତା ସଭା।

# ବନ ମହୋତ୍ସବରେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୧୦।୭

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା ହାଇସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ପ୍ରଧାନଶିକ୍ଷକ ଦେବାନନ୍ଦ ବିଶି, ଇକୋ କ୍ଲବ ଇନ୍‌ଚାର୍ଜ ପ୍ରକୃତିବନ୍ଧୁ ଚନ୍ଦ୍ରକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଣସ, ପିଜୁଳି, ଦେବଦାରୁ, ଆମ୍ବ, ଅଁଳା ଆଦି ବୃକ୍ଷଚାରା ରୋପଣ କରାଯାଇଥିଲା। ଛାତ୍ରୀଛାତ୍ର ସେହି ବୃକ୍ଷଚାରାଗୁଡ଼ିକୁ ପୋଷ୍ୟ ବୃକ୍ଷ ଭାବେ ଗ୍ରହଣ କରି ତାର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। କ୍ରୀଡ଼ା ଶିକ୍ଷକ ଗର୍ଜନ ସାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସରସରା ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ ମହୋତ୍ସବ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇ ମଣ୍ଡଳୀର ଆବାହକ ସୁଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶୁଧନ ନିରୀକ୍ଷକ ଚୈତନ୍ୟ ବିଶି, ସସ୍ମିତା ପଧାନ, ନିରଞ୍ଜନ ଭୁଏ, ବାସନ୍ତୀ ପୋଢ଼ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର କମଳ ସିଂ ଦାଉ ସରକାରୀ ହାଇସ୍କୁଲରେ ବିଭିନ୍ନ କିସମର ୩୦୦ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ମନୋହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭା ହୋଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ କାଲୋ ମୁଖ୍ୟ ଅତିଥି, ସୋମନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ସୁଶାନ୍ତ ଦେହେରୀ, ଜନାର୍ଦ୍ଦନ ସା, ଗୁଣନିଧି ମିର୍ଦ୍ଧା, ନିବେଦିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ସରସରା ଗ୍ରାମରେ ବୃକ୍ଷରୋପଣ।

## ମୋବାଇଲ ଚୋରି, ଜଣେ ଗିରଫ

**ରାଉରକେଲା ଅଫିସ:** ମୋବାଇଲ ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ କୁରେସି ମହଲାର ଏମ୍‌ଡି ସୋନୁ(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୯।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରିଛି । ଡେଲିମାର୍କେଟ ଅଞ୍ଚଳର ରାଜ କୁମାର ଦାସ ଗତ ଏପ୍ରିଲ ୧୮ ତାରିଖ ରାତି ସାଢ଼େ ୧୧ଟାରେ ରାଉରକେଲା ରେଳ ଷ୍ଟେସନରୁ ଘରକୁ ଫେରୁଥିଲେ। ଏହି ସମୟରେ ସୋନୁ ତାଙ୍କୁ ନାଲାରୋଡ ଛକରେ ଅଟକାଇ ତାଙ୍କ ମୋବାଇଲ ଓ ପର୍ସକୁ ଛଡାଇ ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଥିଲା।

**ସଂକ୍ଷେପରେ**

## ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ

**ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ**

ଜୁନାଗଡ଼,୧୦।୭(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଅଗ୍ରେସନ ଭବନଠାରେ ରବିବାର ଭାଜପାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ଯୋଗଦେଇ ଦଳ ମଧରେ ଶୃଙ୍ଖଳା ବଜାଇ ରଖି ଦଳକୁ ମଜଭୁତ କରିବା ପାଇଁ ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଭାଜପା ଦଳ ହିଁ ଦେଶକୁ ସ୍ଥିର ଶାସନ ଦେଇପାରିବ। ଆଗାମୀ ଦିନରେ ଏହି ଦଳ ହିଁ ଓଡିଶାକୁ ବିକଳ୍ପ ଶାସନ ଦେଇ ପାରିବ ବୋଲି ଦଳୀୟ ନେତାମାନେ କହିଥିଲେ। ବୈଠକରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସାଙ୍ଗଠନିକ ମନ୍ତ୍ରୀ ମାନସ ମହାନ୍ତି, ଜିଲା ପ୍ରଭାରୀ ରମେଶ ସାହୁ, ସୋନପୁର ପ୍ରଭାରୀ ଭବେନ୍ଦ୍ର ପଣ୍ଡା, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଧନଞ୍ଜୟ ପାତ୍ର, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତ ରାଣୀ ସାହୁ, ଧର୍ମଗଡ଼ ନଗରପାଳ ଅଶୋକ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସଭାନେତ୍ରୀ ନିରୂପମା ନାଏକ, ବେଦ ପ୍ରକାଶ ଗୋଏଲ, କାଳିନ୍ଦ୍ରୀ ପାଣିଗ୍ରାହୀ, ରମେଶ ମାଝି, ଆର୍ତ୍ତ ମହାପାତ୍ର, ଅନିରୁଦ୍ଧ ପ୍ରଧାନ, ସୁଧୀର ପାଙ୍ଗଯୋଶୀ, ଯୁଗଳ ପୋଡ଼, ଅଙ୍ଗଦ ମାଝି, ଦିବ୍ୟ ଜ୍ୟୋତି ମୁଣ୍ଡ, ଭାରତ ଭୂଷଣ ଦେଓ, ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦଳିତ ଅଧିକାର ମଞ୍ଚ ପକ୍ଷରୁ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ବୈଠକ

ଖଡ଼ିଆଳ,୧୦।୭(ଡି.ଏନ.ଏ.): ନୂଆପଡ଼ା ଜିଲଣ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଦଳିତ ଅଧିକାର ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳିତ ଅଧିକାର ମଞ୍ଚର ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ସଭାପତିତ୍ୱରେ ବୈଠକରେ ଖଡ଼ିଆଳ ନିର୍ବାଚନମଣ୍ଡଳୀରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ନେଇ ସିନାପାଲି, ବୋଡ଼େନ ଓ ଖଡ଼ିଆଳ ବ୍ଲକରୁ ଆସିଥିବା ମଞ୍ଚର କାର୍ଯ୍ୟକର୍ତ୍ତାମାନେ ଉଦବେଗ ପ୍ରକାଶ କରିଥିଲେ। ଆସନ୍ତା ଅଗଷ୍ଟ ୯ ତାରିଖରେ ମଞ୍ଚ ପକ୍ଷରୁ ଖଡ଼ିଆଳଠାରେ 'ଜନ ଅଧିକାର କ୍ରାନ୍ତି' ନାମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଜନତାଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ତଥା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଗୃହିତ ହୋଇଛି। ଏହି ଜନସମାବେଶକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନ କରିଥିଲେ। ସରକାରଙ୍କ ନିକଟରେ ନିମ୍ନଲିଖିତ ଦାବିଗୁଡ଼ିକୁ ଉପସ୍ଥାପନ କରିବା ପାଇଁ ସ୍ଥିର କରିଛି ଦଳିତ ଅଧିକାର ମଞ୍ଚ। ଜିଲାର ସମସ୍ତ ଭୂମିହୀନ ପରିବାରଙ୍କୁ ଜମି ପ୍ରଦାନ, ବାସହୀନଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ, ରାଶନ କାର୍ଡ ପ୍ରଦାନ, ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ସାମିଲ କରି କାର୍ଯ୍ୟ ଯୋଗାଇବା, ଦାଦନ ସମସ୍ୟା ନିରାକରଣ, ଗାଁ ଗାଁରେ ରୋଜଗାରର ସୁଯୋଗ ସୃଷ୍ଟି କରିବା ଓ ଭତ୍ତା ଯୋଜନାରେ ସାମିଲ ଥିବା ସମସ୍ତ ହିତାଧିକାରୀଙ୍କୁ ପଞ୍ଚାୟତକୁ ଯାଇ ବଣ୍ଟନ କରିବା ଆଦି ଦାବି ରହିଛି। ବୈଠକରେ ଖଡ଼ିଆଳ ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଯୋଗଦେଇ ନିଜର ମତ ପ୍ରକାଶ କରିଥିଲେ ।



ଖଡ଼ିଆଳ ଏନ୍‌ଏସି ୱାର୍ଡ ନଂ. ୧୧ ପୁଟୁପଡାବାସୀ ରାସ୍ତା ଖୋଳି ପ୍ରତିବାଦ କରୁଛନ୍ତି।

# ରାସ୍ତା ଖୋଳି ଅଭିନବ ପ୍ରତିବାଦ

ଖଡ଼ିଆଳ,୧୦।୭(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ଅନ୍ତର୍ଗତ ପୁଟୁପଡା ୱାର୍ଡ ନଂ. ୧୧ ଦୀର୍ଘ ବର୍ଷ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏନ୍‌ଏସି କର୍ତ୍ତୃପକ୍ଷ ସମସ୍ୟା ସମାଧାନ ନେଇ କୌଣସି ଦୃଷ୍ଟି ଦେଉ ନ ଥିବାରୁ ପୁଟୁପଡାବାସୀ ମୁଖ୍ୟ ରାସ୍ତାକୁ ଖୋଳି ଅଭିନବ ବିରୋଧ ପ୍ରଦର୍ଶନ କରିଛନ୍ତି। ଗାଡିମୋଟର ବନ୍ଦ କରିଥିବା ବେଳେ ଭଙ୍ଗା ପ୍ଲାଷ୍ଟିକ ଚଉକି ମଡାଇ ଚପଲ ମାଳ କରି ବିଭାଗୀୟ ଅଧିକାରୀ ଆସିଲେ ପିନ୍ଧାଇବାକୁ ବସିଥିବା ଜଣାପଡିଛି। ସୂଚନା ଯେ, ଗତ ୩ ମାସ ପୂର୍ବେ ଗ୍ରାମର ବିଭିନ୍ନ ସମସ୍ୟା ସମାଧାନ ନେଇ ଖଡ଼ିଆଳ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଲିଖିତ ଭାବେ ଜଣାଇଥିଲେ। ବିଭାଗୀୟ ଅଧିକାରୀ ୩ମାସ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତିନି ମାସରୁ ଅଧିକ ଦିନ ପରେ ମଧ ସମସ୍ୟା ସମାଧାନ ହୋଇପାରିନାହିଁ। ତେଣୁ ଗ୍ରାମବାସୀ ରାସ୍ତା ଖୋଳି ବିରୋଧ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଗ୍ରାମର ମୁଖ୍ୟ ରାସ୍ତା ଉପରେ ମୋଡେଲ ମହାବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ଓ ଚାଉଳ ଗୋଦାମ ନିର୍ଭରଶୀଳ ଥିବାବେଳେ ଏହି ରାସ୍ତା ଖାଲଖମାଲରେ ଭର୍ତ୍ତି ହୋଇ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହେଉଛି ଓ ଖାଲଗୁଡିକରେ ଦୂଷିତ ପାଣି ଜମୁଛି। ଗ୍ରାମବାସୀ ନିର୍ଭର କରୁଥିବା ବନ୍ଧ ଯିବାକୁ ରାସ୍ତା ଠିକନାହିଁ। ତୁରନ୍ତ ମରାମତି କରିବା ଓ ଚାଉଳ ଗୋଦାମକୁ ଦୈନିକ ଶହ ଶହ ଟ୍ରକ ଚାଲୁଛି। ତେଣୁ ଚାଉଳ ଗୋଦାମ ପାଇଁ ଅନ୍ୟ ରାସ୍ତା ନିର୍ମାଣ କରିବା। ଷ୍ଟ୍ରିଟ ଲାଇଟ ଲାଗିଛି। ହେଲେ ସେଗୁଡିକ ଜଳୁ ନ ଥିବା ଯୋଗୁ ବର୍ଷା ଦିନେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତୁରନ୍ତ ଲାଇଟ ଜଳାଇବା। ଗ୍ରାମର ମୁଖ୍ୟ ସମସ୍ୟା ଡ୍ରେନ। ଗ୍ରାମର ବ୍ୟବହାର କରୁଥିବା ଦୂଷିତ ପାଣି ରାସ୍ତା କଡରେ ବୋହୁଛି। ଫଳରେ ଗ୍ରାମରେ ଦୁର୍ଗନ୍ଧ ପରିବେଶ ସୃଷ୍ଟି ହେବା ସହିତ ଗ୍ରାମରେ ମଶା, ମାଛି ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଗ୍ରାମବାସୀ ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଛି। ଜିଲା ପ୍ରଶାସନ ତୁରନ୍ତ ପୁଟୁପଡା ଗ୍ରାମର ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ଏ ନେଇ ଖଡ଼ିଆଳ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ଅବଗତ କରିବାରୁ ବର୍ତ୍ତମାନ ପାଇଁ ତାର ସମସ୍ୟା ସମାଧାନ କରାଯିବ। ଆଗାମୀ ଦିନରେ ପିଡବ୍ଲୁଡି ବିଭାଗ ପକ୍ଷରୁ ସ୍ଥାୟୀ କାର୍ଯ୍ୟ କରାଯିବ, ଜିଲାସ୍ତରରେ ସବୁ ପ୍ରକ୍ରିୟା ସରିଛି ବୋଲି ପ୍ରକାଶ କରିଥିଲେ।

# ବଢ଼ିଲା ପାସ୍ ହାର, ଜଣେ ବି ପାଇଲେନି ଏ ୧ଗ୍ରେଡ

ଲାଠୋର,୧୦।୭(ଡି.ଏନ.ଏ.)

ସଦ୍ୟ ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟରେ ପାସ୍ ହାର ଭଲ ରହିଛି। ହେଲ ଜଣେ ବି ପରୀକ୍ଷାର୍ଥୀ ଏ ୧ ଗ୍ରେଡ୍ ପାଇ ନାହାନ୍ତି। ସରେଇବାହାଲ ବିଦ୍ୟାଳୟରୁ ୧୧୧ ଜଣ, କରୁଆଝର ବିଦ୍ୟାଳୟରୁ ୬୬, ବେଦେର ବିଦ୍ୟାଳୟରୁ ୨୪, ମାଲପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୧୦୭, ଲାଠୋର ଦୁର୍ଗେଶ୍ୱରୀ ନୋଡ଼ାଲ ବିଦ୍ୟାଳୟରୁ ୧୦୯ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୨୮ ଜଣ ଏହିପରି ୬ ଗୋଟି ସରକାରୀ ବେସରକାରୀ ବିଦ୍ୟାଳୟରୁ ୪୪୫ ଜଣ ଛାତ୍ରୀଛାତ୍ର ୨୦୨୨-୨୩ ବର୍ଷରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେଇଥିଲେ। ସେମାନ ମଧ୍ୟରୁ ଏ୨ ଗ୍ରେଡ଼ରେ ୫୮, ବି ୧ ଗ୍ରେଡ଼ରେ ୧୧୨, ବି୨ ଗ୍ରେଡ଼ରେ ୧୬୮, ସି ଗ୍ରେଡ଼ରେ ୮୩, ଡ଼ି ଗ୍ରେଡ଼ରେ ୧୭, ଇ ଗ୍ରେଡ଼ରେ ୩ଜଣ ପାସ୍ କରିଛନ୍ତି। ସର୍ବମୋଟ ୪୪୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୪୧ ଜଣ ପାସ୍ କରିଛନ୍ତି। ହେଲେ ଜଣେ ବି ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ନ ରଖିବା ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଚିନ୍ତା ପ୍ରକଟ କରାଯାଇଛି।

ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ସଦାନନ୍ଦ ବେହେରାଙ୍କ କହିବାନୁସାରେ ଯେଉଁ ପିଲା ମାନେ ଭଲ ସ୍ଥିତିରେ ଅଛନ୍ତି ତ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଶିକ୍ଷକ ଏବଂ ଅଭିଭାବକ ଦୃଷ୍ଟି ଦେଲେ ନିଶ୍ଚିତଭାବେ ଛାତ୍ରୀଛାତ୍ର ପରୀକ୍ଷାରେ ଭଲ ଫଳ ରଖିବେ। ଶିକ୍ଷାବିତ୍ ଗଜମଣି ବାଗ କହିଛନ୍ତି ଯେ, ଆଗାମୀ ଦଶମ ବୋର୍ଡ଼ ପରୀକ୍ଷାରେ ଏ୧ ଗ୍ରେଡ଼ରେ କେମିତି ଅଧିକ ପିଲା ଆସିବେ ସେଥିପାଇଁ ବର୍ତ୍ତମାନଠାରୁ ଅଭିଭାବକ ଏବଂ ଶିକ୍ଷକମାନେ ଯତ୍ନବାନ ହେବା ଜରୁରି। ପାସ୍ ହାର ବଢୁଥିଲେ ହେଁ ପିଲା କେଉଁ କାରଣରୁ ଶ୍ରେଷ୍ଠତ୍ୱ ପ୍ରମାଣ କରି ପାରୁନାହିଁ ସେ ଉପରେ ଶିକ୍ଷକ, ଅଭିଭାବକମାନେ ଯତ୍ନବାନ ହେବା ଆବଶ୍ୟକ ବୋଲି ଅଭିଭାବକ ସନ୍ଧ୍ୟାରାଣୀ ଗିରି କହିଛନ୍ତି।

# ସେବା କାର୍ଯ୍ୟରେ ନିଜକୁ ସମର୍ପିଛନ୍ତି ଯୁବ ଗୋଷ୍ଠୀ



ରାଇଜିଂ ଷ୍ଟାର କ୍ଲବର ସଦସ୍ୟ ବୃନ୍ଦ।

ନୂଆପଡ଼ା ଅଫିସ,୧୦।୭

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଗ୍ରାମପଞ୍ଚାୟତ କଲୋନୀ ଓ ବଙ୍ଗଲାପଡାର ରାଇଜିଂ ଷ୍ଟାର କ୍ଲବର ଯୁବକମାନେ ଲୋକମାନଙ୍କ ବିଭିନ୍ନ ସେବା କାର୍ଯ୍ୟରେ ଆଗେଇ ଆସିଛନ୍ତି। ସେବା ଏକ ମହତ୍ୱ କାର୍ଯ୍ୟ ବୋଲି ନିଜକୁ ସମର୍ପିଦେଇଛନ୍ତି। ରଥ ଯାତ୍ରା ପୂର୍ବରୁ ବିଭିନ୍ନ ଗାଁକୁ ଯାଇ ରାସ୍ତଘାଟ, ପୋଖରୀତୁଠ, ନଳକୂଆ ଚାରିପାଖ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ପରିସର ଆଦି ସ୍ଥାନ ସଫାସୁତରା କରିଥିଲେ। ଗାଧୁଆତୁଠ, ନଳକୂଆରେ ବ୍ଲିଚିଂ ପାଉଡର ସିଞ୍ଚନ କରୁଛନ୍ତି। ବିଭିନ୍ନ ଗାଁରେ ପାଳିତ ହେଉଥିବା ରଥଯାତ୍ରା ଉତ୍ସବକୁ ଯାଇ ଲୋକଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳିଥିଲା। ବର୍ତ୍ତମାନ ବର୍ଷା ଦିନ ହେଲାଣି ଗାଁ ଗାଁରେ ଝାଡ଼ାବାନ୍ତି ହେବାର ସମ୍ଭାବନା ରହିଛି। ତାହା ଉପରେ ଗାଁ ଗାଁ ଯାଇ ସଚେତନ କରାଯିବ ବୋଲି ନିଷ୍ପତି ନେଇଛନ୍ତି। ଅନୁଷ୍ଠାନ ସଭାପତି ଉମେଶ ଅଦା, ସମ୍ପାଦକ ଉମାକାନ୍ତ ବନଛୋର, କୋଷାଧ୍ୟକ୍ଷ ଟୁନୁ ମହାରଥା, ଲାଲମନ ବନଛୋର, ବିକାଶ ନେତାମ, ବିକାଶ ଦେଓ, ମଣ୍ଟୁ ପ୍ରଧାନୀ, ବାଳକୃଷ୍ଣ ରଣା, ଚୂଡାମଣି ରଣା, ଭିକି ମହାରଥା, ଆକାଶ ନେତା, କାଳିଆ ମହାରଥା, ବୁଲୁ ପ୍ରଧାନୀ, ପ୍ରେମସିଂ ବେମାଲ, ଚିତ ଚିରାଙ୍ଗୁଲ ପ୍ରମୁଖ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି।



ସିନାପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଥାରୂଢ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ପାଇଁ ଅଳଙ୍କାର ନିଆଯାଉଛି।

# ସିନାପାଲିରେ ଶ୍ରୀଜୀଉଙ୍କ ସୁନାବେଶ

**ଅଧରପଣା ପରେ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ**

ସିନାପାଲି,୧୦।୭(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଥାରୂଢ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ପରମ୍ପରା ଅନୁଯାୟୀ ମନ୍ଦିର ସେବାୟତଙ୍କ ଦ୍ୱାରା ବଳଭଦ୍ର, ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କୁ ସୁନା ଏବଂ ରୂପା ତିଆରି କିରୀଟି, ଓଆଣୀ, ଶ୍ରୀଭୁଜ, ଶ୍ରୀପୟର, ମାଳି, କମରପଟି, ଚକ୍ର, କୁଣ୍ଡଳ ଆଦି ଅଳଙ୍କାରରେ ସୁସଜ୍ଜିତ କରାଯାଇଥିଲା। ଏହା ପରେ ଅପରାହ୍ନରେ ତିନି ରଥ ଉପରେ ଅଧରପଣା ନୀତି କରାଗଲା। ସନ୍ଧ୍ୟାରେ ଶ୍ରୀଜିଉଙ୍କ ନୀଳାଦ୍ରି ବିଜେ ସହ ଏବର୍ଷର ନବଦିନାତ୍ମକ ଯାତ୍ରା ସମ୍ପନ୍ନ ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୩ରେ ସିନାପାଲିରେ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ ପରେ ପୁରୀ ଗଜପତି ମହାରାଜଙ୍କ ପରାମର୍ଶରେ ଏଠାରେ ପ୍ରତିବର୍ଷ ଶ୍ରୀଜିଉଙ୍କ ସୁନାବେଶ ସହ ପ୍ରାୟ ସମସ୍ତ ରୀତିନୀତି ଅନୁଷ୍ଠିତ ହେଉଛି। ସୁନାବେଶ ଦର୍ଶନ ପାଇଁ ଏଠାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

ନୂଆପଡ଼ା ଅଫିସ,୧୦।୭

ନୂଆପଡ଼ା ଜିଲା ଖରିଆର ରୋଡ ଏନ୍‌ଏସିରେ ନବନିର୍ମିତ ବସଷ୍ଟାଣ୍ଡ କୋଠାରେ ବିଜ୍ଞାପିତ ପରିଷଦ ସହାୟତାରେ ଓଡିଶା ଟ୍ୟାକ୍ସି ଡ୍ରାଇଭର ମହାସଂଘ ନୂଆପଡା ବ୍ଲକ ଶାଖା ନୂତନ କାର୍ଯ୍ୟାଳୟର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଗୋଲଡି ଅଗ୍ରୱାଲ, ସଡକ ପରିବହନ ଅଧିକାରୀ ମାନ ସିଂ, ଖରିଆର ରୋଡ ବିଜ୍ଞାପିତ ପରିଷଦ ଉପାଧ୍ୟକ୍ଷ ନିଶାନ୍ତ ଡାଗା, ଖରିଆର ରୋଡ ବାଣିଜ୍ୟ ସଂଘ ସଭାପତି ସନ୍ତୋଷ ଡାଗା, କାଉନସିଲର ସନ୍ଦୀପ ଶର୍ମା, ଶେଖର ଜୈନ, ପୂର୍ବ କାଉନସିଲର ଶ୍ୟାମ କେଶରୱାନୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଟ୍ୟାକ୍ସି, ବସ, ଅଟୋ ବସଷ୍ଟାଣ୍ଡ ପରିସରକୁ ସ୍ଥାନାନ୍ତରିତ ହେଲେ ସହରରେ ଟ୍ରାଫିକ ସମସ୍ୟାରେ ଅନେକ ସୁଧାର ଆସିବ ବୋଲି ଚ୍ୟାରମେନ ସୋନିଆ ଜୈନ ମତ ପ୍ରକାଶ କରିଛନ୍ତି। ଡ୍ରାଇଭର ମହାସଂଘ ସଭାପତି ମୁକେଶ ସାହୁ, ଉପସଭାପତି ଦିନେଶ ୟାଦବ, ସମ୍ପାଦକ ଶଙ୍କର ୟାଦବ, କୋଷାଧ୍ୟକ୍ଷ ଭରତ ଦଣ୍ଡସେନା, ରାଜକୁମାର ତିୱାରୀ, କାମରାଜ ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

## ବିଦେଶୀ ମଦ ଜବତ, ୪ ଗିରଫ

ରାଉରକେଲା ଅଫିସ,୧୦।୭

ମଦ ଚାଲାଣ ବେଳେ ରାଉରକେଲା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁଦର୍ଶନ ସାହୁ(୩୫), ସୁବୋଧ ସାହୁ(୨୪), ସୁଦୀପ ଲାକ୍ରା(୨୨) ଓ ପୂର୍ଣ୍ଣଚନ୍ଦ୍ର ସାହୁ(୩୫)। ସମସ୍ତ ଅଭିଯୁକ୍ତଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ରାଉରକେଲା ରିଂରୋଡ୍ କୋଣାର୍କ ହଲ ଦେଇ ଅଭିଯୁକ୍ତମାନେ ଏକ ସ୍କର୍ପିଓ (ନଂ.ଓଆର୦୯କେ/୫୫୫୪) ଯୋଗେ ବିଶ୍ରା ଅଭିମୁଖେ ଯାଉଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ସେମାନଙ୍କୁ ଅଟକାଇଥିଲା। ଯାଞ୍ଚ ବେଳେ ଉକ୍ତ ଗାଡିରେ ୭୭୧ ଲିଟର ବିଦେଶୀ ମଦ ସହ ୧୫.୬୦୦ ଲିଟର ବିୟର ଓ ୪ଟି ମୋବାଇଲକୁ ଜବତ କରାଯାଇଥିଲା।

# ଥାନାର ଦ୍ୱାରସ୍ଥ ହେଲେ ଚାଷୀ

**ଅଣଦେଖା କରି ୱାଟର ଡାଇଭର୍ସନ ନିର୍ମାଣ**

ଲୋଇସିଂହା,୧୦।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାମୁପର-ଲୁହୁରାମୁଣ୍ଡା ରାସ୍ତାରେ ୱାଟର ଡାଇଭର୍ସନ କାମ ଚାଲିଛି। ଚାଷୀଙ୍କୁ ଅଣଦେଖା କରି ନିର୍ମାଣ ଚାଲିଥିବା ଅଭିଯୋଗ କରିଛନ୍ତି ଚାଷୀ ଗଜରାଜ ସାହୁ। ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ନମିଳିଲେ ଆତ୍ମାହୂତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ରାମପୁରରୁ ଭାୟା ଲୁହୁରାମୁଣ୍ଡା ଦେଇ ବ୍ଲକ ମୁଖ୍ୟାଳୟ ଡୁଡୁକାକୁ ଏକ ପ୍ରଧାନମନ୍ତ୍ରୀ ରାସ୍ତା ସଂଯୋଗୀକରଣ ହୋଇଛି। ଏହି ରାସ୍ତାରେ ଜାତୀୟ ରାଜପଥରୁ ପ୍ରାୟ ଶହେ ମିଟର ଗଲେ ଡାହାଣ ପାର୍ଶ୍ୱରେ ରାମପୁର ଗ୍ରାମର ଗଜରାଜ ସାହୁଙ୍କ ଏକ ଜଳଛାୟ ପ୍ରକଳ୍ପ ମୁଣ୍ଡା(ପୋଖରୀ)ରହିଛି। ଏହି ପୋଖରୀକୁ ରାସ୍ତାର ଅପରପାର୍ଶ୍ୱ ତଥା ରାମପୁର ଆଶ୍ରମ ସ୍କୁଲର ସଂଲଗ୍ନ ପଡିଆ ଜମିର ଉଦ୍‌ବୃତ୍ତ ବର୍ଷା ଜଳ ପ୍ରଧାନମନ୍ତ୍ରୀ ରାସ୍ତାର କଲର୍ଭଟ ଦେଇ ପ୍ରବେଶ କରୁଥିଲା। ଗଜରାଜଙ୍କ ସାଢେ ୩ ଏକର ଓ ତାଙ୍କ ଜମିତଳେ ଥିବା ଅନ୍ୟ ଚାଷ ଜମି ମଧ୍ୟ ଉପକୃତ ହେଉଥିଲା। ହେଲେ ଗଜରାଜଙ୍କ ଜଳଛାୟ ପ୍ରକଳ୍ପ ତଥା ପ୍ରଧାନମନ୍ତ୍ରୀ ରାସ୍ତାର ବାମପାର୍ଶ୍ୱରେ ଆଶ୍ରମ ସ୍କୁଲ ପାଚେରିର ଶେଷ ସୀମାରୁ ପଞ୍ଚାୟତ ପକ୍ଷରୁ ୱାଟର ଡାଇଭର୍ସନ କାମ କରାଯାଇଥିଲା। ଫଳରେ ପୂର୍ବପୁରୁଷରୁ ସେହି ଜଳଛାୟ ପ୍ରକଳ୍ପ ପଶୁଥିବା ବର୍ଷା ଜଳ ବନ୍ଦ ଆଶଙ୍କା କରି ସେତେବେଳେ ଗଜରାଜ ସାହୁ ଜିଲା ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ। ଏହି ଘଟଣାରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ହସ୍ତକ୍ଷେପ ପରେ ସବୁଦିନ ପାଇଁ ଉକ୍ତ ଜଳାଛାୟ ପ୍ରକଳ୍ପକୁ ବର୍ଷା ଜଳ ଯିବା ପାଇଁ ୨୦୨୧ ଅଗଷ୍ଟ ୩୦ ପଞ୍ଚାୟତ ବୈଠକରେ ପ୍ରସ୍ତାବ ପାରିତ ହୋଇଛି । ହେଲେ ୭ ଜୁଲାଇ ୨୦୨୨ରେ ପୁଣି ସେହି ଡାଇଭର୍ସନ କାମକୁ ପଞ୍ଚାୟତ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଜଳଛାୟା ପ୍ରକଳ୍ପକୁ ଉଦ୍‌ବୃତ୍ତ ବର୍ଷା ଜଳ ପ୍ରବେଶ କରୁଥିବା କଲର୍ଭଟ ରାସ୍ତାରେ ପ୍ରାୟ ୫ ଫୁଟ ମାଟି ପକାଇ ଦିଆଯାଇଛି। ଫଳରେ ବର୍ଷା ଜଳ ଡାହଣ ପାର୍ଶ୍ୱରେ ଥିବା ଜଳଛାୟ ପ୍ରକଳ୍ପକୁ ନଯାଇ ସିଧାସଳଖ ରୁଗୁଡିମୁଣ୍ଡାକୁ ଚାଲିଯିବ। ଏହା ଦ୍ୱାରା ଚଳିତ ଖରିଫରେ ଚାଷୀ ଗଜରାଜ ଓ ବହୁଚାଷୀ କ୍ଷତିଗ୍ରସ୍ତ ହେବେ। ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରାଯାଇଥିବା ଗଜରାଜ ଅଭିଯୋଗ କରିଛନ୍ତି। ସରପଞ୍ଚ ରବୀନ୍ଦ୍ର ସାହୁଙ୍କୁ ପଚାରିବାରୁ ପଞ୍ଚାୟତ ପ୍ରତିନିଧି ଓ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ନିଷ୍ପତ୍ତିରେ କାମ ହେଉଥିବା କହିଛନ୍ତି।

# ରାଜ୍ୟ, କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ

**ପିସିସି ସଭାପତିଙ୍କ ନୂଆପଡ଼ା ଜିଲା ଗସ୍ତ**

ନୂଆପଡ଼ା ଅଫିସ,୧୦।୭

ନବନିର୍ବାଚିତ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ରବିବାର ଜନସମ୍ପର୍କ ଅଭିଯାନରେ ଦିନିକିଆ ନୂଆପଡା ଜିଲା ଗସ୍ତ କରିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ତାଙ୍କର ପ୍ରତିକ୍ରିୟା ଦେଇ ରାଜ୍ୟ ସରକାର ଓ କେନ୍ଦ୍ରର ସରକାର ଉପରେ ବର୍ଷିଥିଲେ। ଜନସମ୍ପର୍କ ଅଭିଯାନରେ ନୂଆପଡା ଗସ୍ତ କରି ଜିଲାର ତୃଣ୍ଣ ନେତାମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲା ସଭାପତି ଘାସିରାମ ମାଝି, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଅମଳମରେ ଜିଲାରେ ଅନେକ କିଛି ବିକାଶ ହୋଇଥିଲା। ଉପର ଜୋଙ୍କ ନଦୀବନ୍ଧ ପ୍ରକଳ୍ପ, ଖରଖରା ବ୍ୟାରେଜ, ଜବାର ନବୋଦୟ ବିଦ୍ୟାଳୟ, ଡଙ୍ଗାଘାଟ ବ୍ରୀଜ, ଦୂରଦର୍ଶନ କେନ୍ଦ୍ର ସ୍ଥାପନ କରାଯାଇଥିଲା। କିନ୍ତୁ ସମ୍ପ୍ରତି ରାଜ୍ୟରେ ଏକ ଅମଲାତନ୍ତ୍ରିକ ସରକାର ଚାଲିଛି, ଯିଏକି କୃଷକ ମାରଣା ନୀତି, ଶ୍ରମିକମାନଙ୍କୁ ସମ୍ମାନ ଦେଇ ଶିଖିନାହିଁ। ଜିଲାରେ କୃଷକ ଅଭାବୀ ବିକ୍ରି, କଟନୀ ଛଟନୀର ଶିକାର ହେଉଛନ୍ତି। ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ବିସ୍ଥାପିତମାନଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ। ଭାଜପା ନେତୃତ୍ୱାଧୀନ ସରକାର କେବଳ ଲୋକଙ୍କୁ ଭଣ୍ଡାଇ ଚାଲିଛ। ଡିଜେଲ, ପେଟ୍ରୋଲ ଦର ଆକାଶ ଛୁଆଁ ହୋଇଥିବା ବେଳେ ରନ୍ଧନ ଗ୍ୟାସ ହୁଁ ହୁଁ ହିଁ ବଢି ଚାଲିଛି। କେନ୍ଦ୍ର ସରକାର ୨ କୋଟି ନିଯୁକ୍ତିର ସ୍ୱପ୍ନ ଦେଖାଇଥିଲେ ତାହା ଆକାଶ କଇଁଆ ଚିଲିକା ମାଛ ସଦୃଶ୍ୟ ହୋଇଯାଇଛି ବୋଲି କଟାକ୍ଷ କରିଥିଲେ। ଦୀର୍ଘ ୨୨ ବର୍ଷ ଶାସନରେ ରାଜ୍ୟ ସରକାର ଜିଲାକୁ ଗୋଟିଏ ଶିଳ୍ପ ଦେଇପାରି ନାହାନ୍ତି। ଆଜି ମଧ୍ୟ ଜିଲାରେ ଦାଦନ ସମସ୍ୟାକୁ ରୋକା ଯାଇ ପାରିନାହିଁ। ଜିଲାର ଅନେକ ସମସ୍ୟା ଲୋକଲୋଚନକୁ ଆସୁଥିଲେ ମଧ୍ୟ ସରକାର ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସକୁ ମଜଭୁତ କରି ୯ରୁ ୯୦ ଆସନ ଆଣିବା ପାଇଁ ସଂକଳ୍ପକୁ ପୁରଣ କରିବା ସହ ରାଜ୍ୟରେ ସରକାର ଗଠନ ଦିଗରେ ଅଗ୍ରସର ହେବୁ ବୋଲି ପ୍ରକାଶ କରିଥିଲେ।



ପିସିସି ସଭାପତିଙ୍କ ସହିତ ବିଧାୟକ ଓ ଅନ୍ୟମାନେ।